**ଡାକ୍ତର, ଆଇନଜୀବୀଙ୍କୁ ଆକ୍ରମଣ: ୨ ଗିରଫ**

ଭୁବନେଶ୍ୱର,(ବ୍ୟୁରୋ)- ଭଡ଼ା ନ ଦେଇ ଘର ଛାଡୁ ନ ଥିବା ମାଉସୀ ଓ ପୁତୁରାକୁ ବୁଝାଇବାକୁ ଯାଇଥିବା ଡାକ୍ତର ଓ ଆଇନଜୀବୀ ମାଡ ଖାଇବା ଘଟଣା ଭରତପୁର ଥାନା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଅଭିଯୋଗ ପରେ ପୋଲିସ ମାଉସୀ ଓ ପୁତୁରାଙ୍କୁ ମଙ୍ଗଳବାର ଗିରଫ କରିଛି। ସେମାନେ ହେଲେ ଫୁଲବାଣୀର ଭାନୁ ଷଣ୍ଢ ଓ ତାଙ୍କ ପୁତୁରା ରାଜ କୁମାର ବାରିକ। ଉଭୟ ପରିବାର ସହ ବରମୁଣ୍ଡା ହାଉସିଂବୋର୍ଡରେ ଆୟୁର୍ବେଦିକ ଡାକ୍ତର ପି. ଉମାଶଙ୍କରଙ୍କ ଘରେ ଭଡାରେ ରହୁଛନ୍ତି। ସେମାନେ ଦୀର୍ଘ ମାସ ଧରି ଭଡ଼ା ନ ଦେବାରୁ ଉମାଶଙ୍କର ପଚାରିବାରୁ ଭାନୁ ଧମକ ଚମକ ଦେବା ତାଙ୍କୁ ଓ ତାଙ୍କ ସାଙ୍ଗ ସୁରଜ ପ୍ରଧାନଙ୍କୁ ଆକ୍ରମଣ କରିଥିଲେ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଏନ୍ଏସ୍ଏସ୍ ପକ୍ଷରୁ ରକ୍ତଦାନ ଶିବିର, ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର, ସକାଳ ୮ଟା ୩୦।
- ଜାତୀୟ ହସ୍ତତନ୍ତ ମେଳା, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୧ଟା।
- ଆଦିବାସୀ ମେଳା, ଆଦିବାସୀ ପଡ଼ିଆ, ୟୁନିଟ୍-୩, ଅପରାହ୍ନ ୨ଟା।
- ତୋଷାଳି ମେଳା, ଜନତା ମଇଦାନ, ଜୟଦେବ ବିହାର ରାସ୍ତା, ଅପରାହ୍ନ ୨ଟା।

## ସଂକ୍ଷେପରେ

### ପ୍ରତି ମଣ୍ଡିରେ ସିସିଟିଭି ଲଗାଇବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨।୨(ବ୍ୟୁରୋ)- ବିଧାନସଭା ବିଭାଗୀୟ ଷ୍ଟାଣ୍ଡିଂ କମିଟି-୬ର ନବମ ବୈଠକ କଂଗ୍ରେସ ବିଧାୟକ ନରସିଂହ ମିଶ୍ରଙ୍କ ଅଧକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟର କୃଷକମାନଙ୍କ ଧାନ ବିକ୍ରିଜନିତ ସମସ୍ୟା ଉପରେ ମୁଖ୍ୟତଃ ଆଲୋଚନା ହୋଇଥିଲା। ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ମଣ୍ଡିଗୁଡିକ ବନ୍ଦ ହେବାକୁ ଥିବାରୁ କୃଷକମାନଙ୍କ ପାଖରେ ଗଚ୍ଛିତ ଥିବା ଧାନ କିଣିବା ପାଇଁ ଯୋଗାଣ ଓ ସମବାୟ ବିଭାଗକୁ କମିଟି ନିର୍ଦ୍ଦେଶ ଦେଇଛି। ସେହିପରି ଚାଷୀମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ପ୍ରତ୍ୟେକ ମଣ୍ଡିରେ ସିସିଟିଭି ଲଗାଯିବା ସହିତ ଆବଶ୍ୟକ ଗୋଦାମ ଘର ନିର୍ମାଣ ଲାଗି କମିଟି ପରାମର୍ଶ ଦେଇଛି। ଏହାଛଡା ଚାଷୀଙ୍କୁ ଅଖା ବ୍ୟାଗ୍ ପିଛା ୧୦ ଟଙ୍କା ଏବଂ ପ୍ଲାଷ୍ଟିକ ବ୍ୟାଗ୍ ପିଛା ୫ଟଙ୍କା ଲେଖାଏ ପ୍ରଦାନ ଲାଗି ସୋସାଇଟିଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି।

### ଉଠା, ବୁଲା ବିକାଳିଙ୍କୁ ପରିଚୟପତ୍ର ମିଳିଲା

ବାଙ୍କୀ,୨।୨(ବି.ପ୍ର)- ବାଙ୍କୀ ଏନ୍ଏସିର ବିଭିନ୍ନ ୱାର୍ଡରେ କାମ କରୁଥିବା ଉଠା ଓ ବୁଲା ବିକାଳିଙ୍କୁ ମଙ୍ଗଳବାର କାର୍ଯ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ପରିଚୟପତ୍ର ଓ ପ୍ରମାଣପତ୍ର ଦିଆଯାଇଛି। ଏନ୍ଏସିସ୍ଥିତ ବାତ୍ୟା ଆଶ୍ରୟସ୍ଥଳୀର ସମ୍ମିଳନୀ ପ୍ରକୋଷ୍ଠରେ ଏନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ବାଙ୍କୀ ଉପଜିଲାପାଳ ଓ ଏନଏସି ପ୍ରଶାସନିକ ଅଧିକାରୀ ରଞ୍ଜନ କୁମାର ଜେନା ଯୋଗଦେଇ ୩୮ଜଣ ଷ୍ଟ୍ରିଟ୍ ଭେଣ୍ଡରଙ୍କୁ ପରିଚୟପତ୍ର ଓ ପ୍ରମାଣପତ୍ର ବଣ୍ଟନ କରିଛନ୍ତି। ସମ୍ମାନିତ ଅତିଥିଭାବେ କାନାଡା ବ୍ୟାଙ୍କ ମ୍ୟାନେଜର ତପନ କୁମାର ସ୍ୱାଇଁ ଓ ସହକାରୀ ମ୍ୟାନେଜର ପ୍ରିୟବ୍ରତ ସ୍ୱାଇଁ ଯୋଗଦେଇଥିଲେ। ନିର୍ବାହୀ ଅଧିକାରୀ ବିନୟ ରଞ୍ଜନ ମହାପାତ୍ର ଏହାକୁ ପରିଚାଳନା କରିଥିଲେ।

### ମହର୍ଷି କଲେଜରେ ଯୋଗଦେଲେ ନୂତନ ଅଧକ୍ଷ

ଭୁବନେଶ୍ୱର,୨।୨: ବିଶିଷ୍ଟ ଶିକ୍ଷାବିତ୍ ଅଦ୍ୱୈତ ପ୍ରସାଦ ସାମଲ ରବିବାର ମହର୍ଷି କଲେଜରେ ନୂତନ ଅଧକ୍ଷ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେ ଏହା ପୂର୍ବରୁ ଉକ୍ତ କଲେଜର ଉପାଧକ୍ଷ ସହ ବାଣିଜ୍ୟ ବିଭାଗର ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କର ଦୀର୍ଘ ୩୫ ବର୍ଷର ଶିକ୍ଷାଦାନ ଅଭିଜ୍ଞତା ରହିଛି। ଏହି ଅବସରରେ ସେ କଲେଜର ବିକାଶ ସହିତ ସହକର୍ମୀ ଓ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରୀଙ୍କୁ ସାଙ୍ଗରେ ନେଇ କାର୍ଯ୍ୟ କରିବେ ବୋଲି କହିଥିଲେ। ଡ. ସାମଲଙ୍କ ଯୋଗଦାନରେ କଲେଜର ଏକ ଭିନ୍ନ ବାତାବରଣ ସୃଷ୍ଟି ହେବା ସହ ଶିକ୍ଷା ଓ କ୍ୟାମ୍ପସ ପରିବେଶକୁ ଅଧିକ ଗୁରୁତ୍ୱ ଦେବେ ବୋଲି ମହାବିଦ୍ୟାଳୟ ପକ୍ଷରୁ ଆଶା କରାଯାଉଛି। ଅନ୍ୟପକ୍ଷରେ କଲେଜର ବିଦାୟୀ ଅଧକ୍ଷ ବିଜୟ କୁମାର ବାରିକଙ୍କ ପାଇଁ ଅବସରକାଳୀନ ସମ୍ବର୍ଦ୍ଧନା ସଭା କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି।

### ଯୁବତୀଙ୍କୁ ଅସଦାଚରଣ, ୨ ଗିରଫ

ଭୁବନେଶ୍ୱର,୨।୨(ବ୍ୟୁରୋ)- ଯୁବତୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଶହୀଦନଗର ଥାନା ପୋଲିସ ମଙ୍ଗଳବାର ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସାଇନ୍ସପାର୍କ ବସ୍ତିର ଲିଙ୍ଗା ଓରଫ୍ ଲିଙ୍ଗରାଜ ନାୟକ ଏବଂ ବୁଲୁ ଓରଫ୍ ବିକାଶ ମଲ୍ଲିକ। ଅଭିଯୁକ୍ତଦ୍ୱୟଙ୍କ ଜାମିନ୍ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ଗତ ୧ତାରିଖରେ ଲିଙ୍ଗା ଏବଂ ତାଙ୍କ ସହଯୋଗୀ ବୁଲୁ ସ୍ଥାନୀୟ ବସ୍ତିରେ ଜଣେ ଯୁବତୀଙ୍କୁ କମେଣ୍ଟ ମାରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏ ନେଇ ଯୁବତୀଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ଅଭିଯୋଗକ୍ରମେ ପୋଲିସ ଘଟଣାର ତଦନ୍ତ କରି ମଙ୍ଗଳବାର ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲା।

# ଆରମ୍ଭ ହେଲା ଡିଜିଟାଲ ଠିକଣା ସର୍ଭେ

**ସହଜରେ ଠାବ ହେବ ଘର, ବ୍ୟବସାୟିକ ପ୍ରତିଷ୍ଠାନ**

ଭୁବନେଶ୍ୱର,୨।୨(ବ୍ୟୁରୋ)




ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି)ରେ ଘର ଖୋଜିବାକୁ ଆଉ ଅସୁବିଧା ହେବ ନାହିଁ। ବିଏମ୍ସି ମଙ୍ଗଳବାରଠାରୁ ଜିଓ ଟ୍ୟାଗ ସ୍ମାର୍ଟ ଆଡ୍ରେସ୍ ପ୍ରଦାନ ଆରମ୍ଭ କରିଛି। ନୂତନ ଭାବେ ଆରମ୍ଭ କରାଯାଇଥିବା ଡିଜିଟାଲ ଡୋର ନମ୍ବରିଂ ବ୍ୟବସ୍ଥା ସହରବାସୀଙ୍କ ପାଇଁ ଅଧିକ ସହଜ ହେବ। ଜିଆଇଏସ ଟେକ୍ନୋଲୋଜି ଜରିଆରେ ପ୍ରତ୍ୟେକ ଘର ପାଇଁ ଏକ ଆଲ୍ଫା ନ୍ୟୁମେରିକ ନମ୍ବର କରାଯାଇଛି। ଏହାଦ୍ୱାରା ସହରର କେଉଁଠି ଆବାସିକ ଓ ବ୍ୟବସାୟିକ ଗୃହ ରହିଛି ତାହା ସହଜରେ ଚିହ୍ନଟ କରାଯାଇପାରିବ। ଏହାଦ୍ୱାରା ଘର ଘର ବୁଲି ଅଳିଆ ସଂଗ୍ରହ ସହଜ ହୋଇପାରିବ। ଏଥିସହିତ ଡାକ ବିଭାଗ, ବିଜୁଳି, ପାଣି ଭଳି ଅତ୍ୟାବଶ୍ୟକ କାର୍ଯ୍ୟ ପ୍ରଦାନରେ ମଧ ସହଜ ହେବ। ୱାର୍ଡ ନମ୍ବର ୬, ୨୩ ଓ ୩୦ରୁ ଏହି ପାଇଲଟ ପ୍ରକଳ୍ପ ଆରମ୍ଭ ହୋଇଛି। ସର୍ଭେ ଟିମ୍ ଘର ଘର ବୁଲି ଜିଓ ଟ୍ୟାଗିଂ କରି ଠିକଣା ସଂଗ୍ରହ କରି ଅପ୍ଲୋଡିଂ କରିବା ସହ ସ୍ମାର୍ଟ ଠିକଣା ପ୍ରସ୍ତୁତ କରିବେ। ଡିଜିଟାଲ ଡୋର ନମ୍ବରିଂ ହେଉଛି ଏକ ସ୍ମାର୍ଟ ଠିକଣା ବ୍ୟବସ୍ଥା। ଜିଓସ୍ପାଟିକାଲ ଟେକ୍ନୋଲୋଜି ବ୍ୟବହାର କରାଯାଇ ଘର ଓ ସମ୍ପତ୍ତିର ଠିକଣା ପ୍ରସ୍ତୁତ କରାଯିବ। ସର୍ଭେରେ ଘର କିମ୍ବା ସମ୍ପତ୍ତିର ୱାର୍ଡ, ଗଳି, ପ୍ରକୃତ ସ୍ଥାନ ଏବଂ ନିକଟସ୍ଥ ଏକ ସଙ୍କେତକୁ ସଂଗ୍ରହ କରାଯିବ। ଏହି ପାଇଲଟ ପ୍ରକଳ୍ପ ଫେବୃୟାରୀ ୧ରୁ ଆରମ୍ଭ ହୋଇ ୧୨ରେ ଶେଷ ହେବ। ଅନ୍ୟ ୱାର୍ଡଗୁଡ଼ିକରେ ଫେବୃୟାରୀ ୧୩ରୁ ମାର୍ଚ୍ଚ ୩୧ ମଧ୍ୟରେ କାର୍ଯ୍ୟକାରୀ ହେବ। ଏଥିପାଇଁ ୩.୭୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।




ଓଏମ୍ସି କର୍ମଚାରୀଙ୍କ ତାଲିମ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅଧିକାରୀ ଓ ଅନ୍ୟମାନେ।

# ଓଏମ୍ସି କର୍ମଚାରୀଙ୍କ ତାଲିମ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨।୨:

ଓକାକ୍ ଓ ଓକେସିଏଲ୍ର ସହଯୋଗରେ ଓଡ଼ିଶା ଖଣି ନିଗମ (ଓଏମ୍ସି) ର ୫୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କର ଦକ୍ଷତା ବୃଦ୍ଧି (କମ୍ପ୍ୟୁଟର ପରିଚାଳନା) ପାଇଁ ଆବଶ୍ୟକ ତାଲିମ ପ୍ରଦାନ କରାଯାଇଛି। ଓଏମ୍ସିର ପରିଚାଳନା ନିର୍ଦ୍ଦେଶକଙ୍କ ଆଗ୍ରହ କ୍ରମେ ଏହି କାର୍ଯ୍ୟକ୍ରମର ପରିଚାଳନା ଭାର ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର (ଓକାକ୍) କୁ ପ୍ରଦାନ କରାଯାଇଥିଲା। ଓକାକ୍ ଏହାକୁ ମଧ ଗୁରୁତ୍ୱ ସହ ଗ୍ରହଣକରି ଓକେସିଏଲ୍ ସହଯୋଗରେ ସୋମବାର ସ୍ଥାନୀୟ ଓଏମ୍ସିର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଖଣି କର୍ମଚାରୀମାନଙ୍କୁ ବିଭିନ୍ନ ବିଷୟରେ ପଚାରି ବୁଝି ସାରିବା ପରେ ଏମ୍ଏସ୍-ଅଫିସ ଭଳି ଗୁରୁତ୍ୱପୂର୍ଣ୍ଣ କମ୍ପ୍ୟୁଟର ଶିକ୍ଷାଦାନ ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଓଏମ୍ସିର ଅନ୍ୟ ସମସ୍ତ କ୍ୟାମ୍ପ କାର୍ଯ୍ୟାଳୟ ଠାରେ ମଧ କର୍ମଚାରୀମାନଙ୍କୁ ଆବଶ୍ୟକ ଟ୍ରେନିଂ ଦିଆଯିବ ବୋଲି ଜଣାପଡିଛି।

ପ୍ରଥମ ଦଫାରେ କେନ୍ଦୁଝର ଜିଲା ଗନ୍ଧମାର୍ଦ୍ଦନ ଖଣି କର୍ମଚାରୀଙ୍କ ତାଲିମ କାର୍ଯ୍ୟକ୍ରମ ଓକେସିଏଲ୍ ପକ୍ଷରୁ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ରିଜିଓନାଲ ମ୍ୟାନେଜର ଅନୁରାଗ ଓଝା ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆର୍.ଆର୍. ପରିଡ଼ା, ଆର୍.ଆର୍. ମହାନ୍ତି, ଏ.କେ. ଦାସ ଏବଂ ଓକେସିଏଲ୍ର ସିନିୟର ମ୍ୟାନେଜର ପ୍ରମୋଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ସପ୍ତାହରେ କେନ୍ଦୁଝର ଜିଲାର ଅନ୍ୟ ୩ଟି ଖଣି ବଡବିଲ, ଦୈତାରୀ ଓ ବାଙ୍ଗୁର ଏବଂ ଯାଜପୁରର କାଳିଆପାଣି ଖଣି କର୍ମଚାରୀଙ୍କୁ ମଧ ଏହି ତାଲିମ ଦିଆଯିବ ବୋଲି ସୂଚନା ମିଳିଛି। ଏହି ଅବସରରେ କେନ୍ଦୁଝର ଜିଲା କୋଅର୍ଡିନେଟର ଦେବିଦତ୍ତ ସାହୁ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କାର୍ଡିଓଲୋଜି ବିଭାଗକୁ ସ୍ୱୟଂସମ୍ପୂର୍ଣ୍ଣ କରାଯିବ

**କ୍ୟାପିଟାଲ୍ ହସ୍ପିଟାଲ୍**

ଭୁବନେଶ୍ୱର, ୨।୨(ବ୍ୟୁରୋ)

କ୍ୟାପିଟାଲ୍ ହସ୍ପିଟାଲ୍ କାର୍ଡିଓଲୋଜି ବିଭାଗର କାର୍ଯ୍ୟକାରିତା ସମ୍ପର୍କରେ ମଙ୍ଗଳବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଉପସ୍ଥିତ ଥିଲେ। କ୍ୟାପିଟାଲ୍ ହସ୍ପିଟାଲ୍ କାର୍ଡିଓଲୋଜିର ବହିର୍ବିଭାଗରେ ୨୦୧୯ରେ ୧୫ ହଜାରରୁ ଊର୍ଦ୍ଧ୍ୱ ହୃଦ୍‌ରୋଗୀ ପଞ୍ଜୀକୃତ ହୋଇଥିବାବେଳେ ୨୦୨୦ ମସିହାରେ ଏହି ସଂଖ୍ୟା ପ୍ରାୟ ୧୬ ହଜାର ହୋଇଛି। ଦିନକୁ ଦିନ ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ବିଭାଗର ପରିସର ବଢାଇବା ପାଇଁ ବର୍ତ୍ତମାନ ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟ ଜାରି ରହିଛି। ଏହା ସହିତ ଆଇସିୟୁ ଓ ଗ୍ୟାସ୍‌ପାଇପ୍ ଲାଇନ୍ କାର୍ଯ୍ୟ ମଧ ଚାଲିଛି। କାର୍ଡିଓଲୋଜି ବିଭାଗ ସୁପର ସ୍ପେସିଆଲିଟି ବ୍ରାଞ୍ଚ ହୋଇଥିବାବେଳେ ଏଥିପାଇଁ ଇସିଜି, କ୍ୟାଥ୍‌ଲାବ, ଓଟି, ଆଇସିୟୁ ଓ ଇକୋ ଟେକ୍ନିସିଆନ୍ ଭଳି ପଦବୀର ବହୁଳ ଆବଶ୍ୟକତା ଥିବାରୁ ପଦବୀ ସବୁ ଖୁବ୍‌ଶୀଘ୍ର ପୂରଣ ହେବ। ସେହିପରି ନୂତନ ଇଲେକ୍‌ଟ୍ରୋଫିଜିଓଲୋଜି ମେଶିନ୍ କିଣିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଏହି ଅତ୍ୟାଧୁନିକ ମେଶିନ ଅଣାଯିବା ଦ୍ୱାରା ହୃଦ୍‌ରୋଗ ଚିକିତ୍ସା କ୍ଷେତ୍ରରେ ସୁବିଧା ହୋଇପାରିବ। ଅନ୍ୟପକ୍ଷରେ କ୍ୟାଥ୍‌ଲାବ ପାଇଁ ବାର୍ଷିକ ହାରାହାରି ୧୫ କୋଟିରୁ ଊର୍ଦ୍ଧ୍ୱ ଖର୍ଚ୍ଚ ହେବ ବୋଲି ବୈଠକରେ ହୋଇଥିବା ନିଷ୍ପତ୍ତିରୁ ଜଣାପଡ଼ିଛି। ଏହି ଅବସରରେ ଓଡ଼ିଶା ରାଜ୍ୟ ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶିକା ଯାମିନୀ ଷଡଙ୍ଗୀ, ଡିଏମ୍ଇଟି ପ୍ରଫେସର ସି.ବି.କେ. ମହାନ୍ତି, କ୍ୟାପିଟାଲ୍ ହସ୍ପିଟାଲ୍ କାର୍ଡିଓଲୋଜି ବିଭାଗର ନିର୍ଦ୍ଦେଶକ ପ୍ରଫେସର ପି.କେ. ଦାସ, ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ।

## କୃଷି ଆଇନ ପ୍ରତ୍ୟାହାର ଦାବି

କଟକ ଅଫିସ, ୨।୨

କେନ୍ଦ୍ର ସରକାରଙ୍କ କୃଷି ଆଇନକୁ ବିରୋଧ କରାଯାଇ କୃଷକ ଆନ୍ଦୋଳନ ଚାଲିଛି। ଆନ୍ଦୋଳନରତ କୃଷକମାନଙ୍କ ବିରୋଧରେ ମିଥ୍ୟା ଦଫା ଲଗାଇ ଗିରଫ କରିବା ଉଦ୍ୟମ ସହିତ ଗଣମାଧ୍ୟମ ଉପରେ ଚାପ ପକାଯାଉଛି। କୃଷି ଆଇନକୁ ପ୍ରତ୍ୟାହାର କରି ସମ୍ବିଧାନରେ କୃଷକଙ୍କ ପାଇଁ ଉଲ୍ଲେଖ ଥିବା ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବା ଦାୟିତ୍ୱ ରାଜ୍ୟ ସରକାରଙ୍କୁ ଦେବା ଉଚିତ୍ ବୋଲି ସମତା ମଞ୍ଚ ପକ୍ଷରୁ ମଙ୍ଗଳବାର ପ୍ରୋଜେକ୍ଟ ସ୍ୱରାଜଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି। ସମ୍ମିଳନୀରେ ସମତା ମଞ୍ଚ ରାଜ୍ୟ ସଭାପତି ଚିତ୍ତରଞ୍ଜନ ମହାନ୍ତି, ଖବରଦାତା ସତ୍ୟ ରାୟ, ପ୍ରଶାନ୍ତ ଦାସ, ବିଶ୍ୱାବସୁ ଦାସ, ଖଗେଶ୍ୱର ସେଠୀ, ଆଇନଜୀବୀ ସୁକାନ୍ତ ନାୟକ, ପ୍ରଶାନ୍ତ ପଣ୍ଡା, ଡଲି ଦାସ, ରାଜକିଶୋର ମଲ୍ଲିକ ଓ ଶେଷଦେବ ପାତ୍ର ଉପସ୍ଥିତ ଥିଲେ।

## ୧୦ରୁ ସାମୂହିକ ଔଷଧ ବଣ୍ଟନ

ବାଙ୍କୀ,୨।୨(ବି.ପ୍ର)

ଫେବୃୟାରୀ ୧୦ରୁ ୧୨ ପର୍ଯ୍ୟନ୍ତ ରାଜ୍ୟରେ ବାତଜ୍ୱର ନିୟନ୍ତ୍ରଣ ନିମନ୍ତେ ଡିଇସି ବଟିକା ବଣ୍ଟନ କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ବାଙ୍କୀ ବ୍ଲକ ଅଧୀନ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହଯୋଗରେ ଜନସାଧାରଣଙ୍କୁ ସାମୂହିକ ଔଷଧ ବଣ୍ଟନ କରାଯିବ। ଏହି ବାବଦରେ ଡିଇସି ଓ କୃମି ନାଶକ ବଟିକା ଦେବାକୁ ସ୍ଥିର କରାଯାଇଛି। ବିଡିଓ ରତ୍ନାକର କାଣ୍ଡିଙ୍କ ଅଧକ୍ଷତାରେ ଏନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାମୂହିକ ଔଷଧ ବଣ୍ଟନ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକର୍ମୀ, ଆଶା ଓ ଅଙ୍ଗନୱାଡି କର୍ମୀଙ୍କୁ ମିଶାଇ ୨୫୦ ଜଣଙ୍କୁ ନିୟୋଜିତ କରାଯିବ ବୋଲି ବୈଠକରେ ସ୍ଥିର କରାଯାଇଛି। ପିଏଚ୍ଇଓ ପ୍ରଦୀପ କୁମାର ସାହୁ, ସଂଗୀତା ଦାସ ଓ ପ୍ରମୋଦ କୁମାର ଦାସ ଏବଂ ଅନ୍ୟ ଅଧିକାରୀ ବୈଠକରେ ଉପସ୍ଥିତ ଥିଲେ।




ପଦ୍ମ ବିଭୂଷଣ ସମ୍ମାନ ପାଇବାକୁ ମନୋନୀତ ହୋଇଥିବା ଶିଳ୍ପୀ ସୁଦର୍ଶନ ସାହୁଙ୍କୁ ମଙ୍ଗଳବାର ଓଡ଼ିଶା ଶିଳ୍ପୀ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

# ବାଇକ୍ ଚାଳକଙ୍କୁ ହେଲମେଟ୍ ଦେଇ ସଚେତନ

ବାରଙ୍ଗ,୨।୨(ଡି.ଏନ୍.ଏ.):

ବାରଙ୍ଗରେ ମଙ୍ଗଳବାର ବାରଙ୍ଗ ଥାନା ପକ୍ଷରୁ ସଡ଼କ ସୁରକ୍ଷା ଜୀବନ ରକ୍ଷା ଉପରେ ଏକ ସଚେତନତା ସଭା କରାଯାଇଛି। ଥାନା ପରିସରରେ ଆୟୋଜିତ ଏହି ସଭାରେ ଏସିପି ସତ୍ୟରଞ୍ଜନ ମଲ୍ଲିକ, ଥାନାଧିକାରୀ ଶଶିକାନ୍ତ ରାଉତ ଉପସ୍ଥିତ ଥିବା ସ୍କୁଲପିଲାମାନଙ୍କୁ ସଚେତନତାର ବାର୍ତ୍ତା ଦେଇଥିଲେ। ଏହାପରେ ଥାନାର ସମସ୍ତ କର୍ମଚାରୀମାନେ ସଡ଼କ ସୁରକ୍ଷା ନେଇ ଏକ ବାଇକ୍ ରାଲିରେ ବାହାରି ତ୍ରିଶୁଳିଆ ଛକ ପର୍ଯ୍ୟନ୍ତ ଯାଇଥିଲେ। କଟକ ପଟରୁ ବିନା ହେଲମେଟ୍‌ରେ ଆସୁଥିବା ବାଇକ୍ ଚାଳକଙ୍କୁ ହେଲମେଟ୍ ପିନ୍ଧିବାର ଓ କାର୍ ଚାଳକମାନଙ୍କୁ ସିଟ୍ ବେଲ୍ଟ ବାନ୍ଧିବାର ଆବଶ୍ୟକତା ଉପରେ ପୋଲିସ କର୍ମଚାରୀମାନେ ବୁଝାଇଥିଲେ। ଏହାସହ ବିନା ହେଲମେଟ୍‌ରେ ଆସୁଥିବା କେତେଜଣ ବାଇକ ଚାଳକଙ୍କୁ ହେଲମେଟ୍ ପ୍ରଦାନ ସହ ଗୋଲାପ ଫୁଲ ଥାନା ପକ୍ଷରୁ ଦିଆଯାଇଥିଲା। ସେହିଭଳି

**ନନ୍ଦନକାନନରେ ପର୍ଯ୍ୟଟକଙ୍କୁ ପୁରସ୍କାର**

ନନ୍ଦନକାନନରେ ବିଶ୍ୱ ଆର୍ଦ୍ରଭୂମି ଦିବସ ପାଳିତ ହୋଇଯାଇଛି। ନନ୍ଦନକାନନକୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ରୋକି ସେମାନଙ୍କୁ ଆର୍ଦ୍ରଭୂମିର ଆବଶ୍ୟକତା ମାନବସମାଜ ପ୍ରତି ଥିବାରୁ ତାହାର ସଂରକ୍ଷଣ ପ୍ରତି ଗୁରୁତ୍ୱ ଦେବାକୁ ବୁଝାଯାଇଥିଲା। ଏହି ଅବସରରେ ଏକ ପଦଯାତ୍ରା ନନ୍ଦନକାନନ ପରିସରରେ ହୋଇଥିଲା। ପର୍ଯ୍ୟଟକମାନଙ୍କୁ ନେଇ ଏକ କୁଇଜ୍ ପ୍ରତିଯୋଗିତା କରାଯାଇଥିଲା। ଏଥିରେ କୃତୀ ପର୍ଯ୍ୟଟକଙ୍କୁ ପୁରସ୍କାର ଦିଆଯାଇଥିଲା। ଏପରିକି ଅନ୍‌ଲାଇନରେ ଏକ ଚିତ୍ର ପ୍ରତିଯୋଗିତା ମଧ ନନ୍ଦନକାନନ ପକ୍ଷରୁ କରାଯାଇଥିଲା। କାର୍ଯ୍ୟକ୍ରମକୁ ନନ୍ଦନକାନନ ସହକାରୀ ନିର୍ଦ୍ଦେଶକ ଅମୂଲ୍ୟ କୁମାର ପରିଡ଼ା ଓ ଏଜୁକେଶନ ଅଫିସର ମିଳନ କୁମାର ପଣ୍ଡା ପରିଚାଳନା କରିଥିଲେ।

## ମୃତକଙ୍କ ପରିବାରକୁ ମିଳିଲା କ୍ଷତିପୂରଣ

**ହାତୀ ଆକ୍ରମଣରେ ଚାଷୀ ମୃତ୍ୟୁ ଘଟଣା**

ଚୌଦ୍ୱାର,୨।୨(ଡି.ଏନ.ଏ.): ଚୌଦ୍ୱାର ଥାନା ଅଧୀନ ବୁଢାଲିଙ୍ଗ ଗ୍ରାମର ଚାଷୀ ରତ୍ନାକର ବେହେରାଙ୍କର ଗତ ଡିସେମ୍ବର ୪ ତାରିଖରେ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଥିଲା। ଖବରପାଇ ବନବିଭାଗ ଓ ସ୍ଥାନୀୟ ବିଧାୟକ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରକୁ ତୁରନ୍ତ ୪୦ହଜାର ଟଙ୍କା ପ୍ରଦାନ କରିଥିଲେ। ସୋମବାର ସନ୍ଧ୍ୟାରେ ଅବଶିଷ୍ଟ ବକେୟା ରାଶି ୩ଲକ୍ଷ ୬୦ହଜାର ଟଙ୍କା ଚେକ୍ ଆକାରରେ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ଉପସ୍ଥିତିରେ ମୃତକଙ୍କ ପରିବାର ଲୋକଙ୍କୁ ତାଙ୍କ ବାସଭବନରେ ପ୍ରଦାନ କରାଯାଇଛି। ଚେକ୍ ପ୍ରଦାନବେଳେ ବଇରୀ ରେଞ୍ଜର ଅଭିରାମ ଜେନା, ଚୌଦ୍ୱାର ଫରେଷ୍ଟର ପୁରୁଷୋତ୍ତମ ସାହୁ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଜିଲା ସମ୍ପାଦକ ଶୁଭେନ୍ଦୁ ସାମଲ, ସୁବ୍ରତ ସାମଲ, ଅର୍ଜୁନ ପଣ୍ଡାଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ରତ୍ନାକରଙ୍କ ପରିବାରର ଜଣଙ୍କୁ ବନ ବିଭାଗରେ ଚାକିରି ଦେବା ପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

## ମହିଳାଙ୍କ ବେକରେ ଛୁରି ଲଗାଇ ଡକାୟତି ଉଦ୍ୟମ, ୨ ଗିରଫ

ଭୁବନେଶ୍ୱର,୨।୨(ବ୍ୟୁରୋ)

ଏୟାରଫିଲ୍ଡ ଥାନା ଅନ୍ତର୍ଗତ ହାଇଟେକ୍ ପ୍ଲାଜାର ଏକ ଫ୍ଲାଟରେ ରହୁଥିବା ଜଣେ ମହିଳାଙ୍କ ଘରେ ୨ଜଣ ଦୁର୍ବୃତ୍ତ ପଶି ବେକରେ ଛୁରି ଲଗାଇ ଡକାୟତି ପାଇଁ ଉଦ୍ୟମ କରି ବିଫଳ ହୋଇଛନ୍ତି। ଏ ନେଇ ମହିଳାଙ୍କ ଅଭିଯୋଗ ଆଧାରରେ ମଙ୍ଗଳବାର ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଖୋର୍ଦ୍ଧା ଜିଲାର କମନବର ସାହିର ସୋମନାଥ ନାୟକ ଓ ମନୋରଞ୍ଜନ ନାୟକ। ସେମାନଙ୍କଠାରୁ ପୋଲିସ ଛୁରି, ବ୍ଲେଡ ଓ ୪ଟି ମୋବାଇଲ ଫୋନ ଜବତ କରିଛି। ୨ ଅଭିଯୁକ୍ତଙ୍କର ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ହାଇଟେକ୍ ପ୍ଲାଜା ଫ୍ଲାଟରେ ନମ୍ବର-୪ରେ ପରିବାର ସହ ରୁହନ୍ତି ଅଲିଭା ମାଝି। ଗତ ୧ ତାରିଖ ସନ୍ଧ୍ୟା ୫ଟା ସମୟରେ ଫ୍ଲାଟରେ ସେ ଏକୁଟିଆ ଥିବାବେଳେ ସୋମନାଥ ଏବଂ ମନୋରଞ୍ଜନ ତାଙ୍କ କବାଟ ବାଡ଼େଇଥିଲେ। କବାଟ ଖୋଲିବାପରେ ଦୁର୍ବୃତ୍ତମାନେ ହଠାତ୍ ତାଙ୍କ ଘର ଭିତରେ ପଶି ବେକରେ ଛୁରି ଲଗାଇ ଡକାୟତି ଉଦ୍ୟମ କରିଥିଲେ। ଏହି ସମୟରେ ତାଙ୍କ ପୁଅ ପହଞ୍ଚି ଯିବାରୁ ଦୁର୍ବୃତ୍ତମାନେ ଖସିଯିବାକୁ ଉଦ୍ୟମ କରୁଥିଲେ। ମହିଳା ଓ ପୁଅଙ୍କ ପାଟି ଶୁଣି ଜଣେ ଅଭିଯୁକ୍ତଙ୍କୁ ସ୍ଥାନୀୟ ଲୋକେ କାବୁ କରିଥିବାବେଳେ ଅନ୍ୟଜଣେ ଫେରାର ହୋଇଯାଇଥିଲେ। ଖବରପାଇ ପିସିଆର ପହଞ୍ଚି ଉକ୍ତ ଅଭିଯୁକ୍ତକୁ ଥାନାକୁ ଆଣି ପଚରାଉଚରା କରି ଫେରାର ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଥିଲା। ପୋଲିସ ଅଭିଯୁକ୍ତମାନଙ୍କଠାରୁ ୪ଟି ମୋବାଇଲ ଫୋନ ଜବତ କରିଛି। ପୂର୍ବରୁ ଏହି ଥାନା ଅଞ୍ଚଳରେ ଘରେ ପଶି ମୋବାଇଲ ଚୋରି ହୋଇଥିବା ନେଇ ଅଭିଯୋଗରେ ପୋଲିସ ୪ଜଣଙ୍କୁ ଡକାଇ ମୋବାଇଲ ଫେରାଇଥିଲେ।

# ଆଜିଠୁ ଝଲସିବ ଭୁବନେଶ୍ୱର-ପୁରୀ ବାଇପାସ୍ ରାସ୍ତା

**ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର,୨।୨(ବ୍ୟୁରୋ)

ଭୁବନେଶ୍ୱର-ପୁରୀ ବାଇପାସ ରାସ୍ତା ବୁଧବାରଠାରୁ ଝଲସିବ। ହାଇଟେକ୍ ଛକରୁ ଦୟା ବ୍ରିଜ୍ ପର୍ଯ୍ୟନ୍ତ ୧୨ କି.ମି. ରାସ୍ତା ଆଲୋକିତ ହେବ। ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ସମସ୍ତ କାର୍ଯ୍ୟ ଶେଷ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ବୁଧବାର ଉଦ୍‌ଘାଟନ କରିବେ। ବିଏମ୍ସି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଅପରାହ୍ନ ୫ଟା ୪୫ ମିନିଟରେ ମୁଖ୍ୟମନ୍ତ୍ରୀ ଶିରିଡି ସାଇମନ୍ଦିର ଛକ ନିକଟରେ ସୁଇଚ୍ ଟିପି ଏହି ପ୍ରକଳ୍ପକୁ ଉଦ୍‌ଘାଟନ କରିବେ।

ଉକ୍ତ ୧୨ କିଲୋମିଟର ମଧ୍ୟରେ ୩୮୭ଟି ଖୁଣ୍ଟରେ ୭୭୪ଟି ଏଲ୍ଇଡି ଲାଇଟ ଲାଗିଥିବା ବେଳେ ୪ଟି ଟ୍ରାନ୍ସଫର୍ମର ନିର୍ମାଣ କରାଯାଇଛି। ଏଥିସହିତ ରାଜପଥର ୩ଟି ଛକରେ ହାଇମାଷ୍ଟ ଲାଇଟ ଲାଗିଛି। ସ୍ଥାନୀୟ ଲୋକମାନଙ୍କର ଦୀର୍ଘଦିନର ଦାବି ପୂରଣ ହେବାକୁ ଯାଉଛି। ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ ୩୧୬ ନମ୍ବର ୨୦୧୨ରେ ଲୋକାର୍ପଣ ହୋଇଥିଲା। ତେବେ ରାସ୍ତା ଆଲୋକୀକରଣ କରାଯାଇ ନ ଥିଲା। ଫଳରେ ଉକ୍ତ ରାସ୍ତାରେ ଚୋରି, ଡକାୟତି, ରାହାଜାନି ବଢି ଯାଇଥିଲା। ସ୍ଥାନୀୟ ଅଞ୍ଚଳର ଲୋକମାନେ ବିଏମ୍ସି ନିକଟରେ ବାରମ୍ବାର ଦାବି କରିଥିଲେ ମଧ କୌଣସି ସୁଫଳ ମିଳି ନ ଥିଲା। ଏହି ରାସ୍ତା ବିଏମ୍ସି ଅଧୀନରେ ଆସୁ ନ ଥିବା କହି ଏନ୍ଏଚଏଆଇ କର୍ତ୍ତୃପକ୍ଷ ଏହି ଦାବିକୁ ଅଣଦେଖା କରିଥିଲେ। ଏଥିପାଇଁ ଅର୍ଥ ବାଧକ ସାଜୁଥିଲେ ମଧ ସ୍ଥାନୀୟ ଲୋକମାନଙ୍କର ଦାବି ଓ ପର୍ଯ୍ୟଟନର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଏକାମ୍ର ବିଧାୟକ ତଥା ତତ୍କାଳୀନ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ପର୍ଯ୍ୟଟନ ବିଭାଗରୁ ଉକ୍ତ ରାସ୍ତାର ଆଲୋକୀକରଣ ପାଇଁ ବିଏମ୍ସିକୁ ୩ କୋଟି ଟଙ୍କା ପ୍ରଦାନ କରିଥିଲେ। ତେବେ ୨୦୧୯ ଅକ୍ଟୋବରରେ ବିଏମ୍ସି ଲାଇଟ ଲଗାଇବା ବେଳେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏଥିରେ ରୋକ୍ ଲଗାଇଥିଲେ। ବିଏମ୍ସି ପକ୍ଷରୁ ଏ ନେଇ ଏନ୍ଏଚଏଆଇକୁ ବାରମ୍ବାର ଚିଠି ଲେଖାଯାଇଥିଲେ ମଧ କୌଣସି ଉତ୍ତର ମିଳି ନ ଥିଲା। ମନ୍ତ୍ରୀ ଅଶୋକ ପଣ୍ଡା ଏହି ସମସ୍ୟାର ସମାଧାନ କରିବାକୁ ନୂଆଦିଲ୍ଲୀ ଯାଇ କେନ୍ଦ୍ର ଭୂପୃଷ୍ଠ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ ନୀତିନ ଗଡ୍‌କରୀଙ୍କ ସହ ସାକ୍ଷାତ କରି ଆଲୋଚନା କରିଥିଲେ। ଏହା ପରେ ୨୦୨୦ ମାର୍ଚ୍ଚ ମାସରେ ଖୁଣ୍ଟ ଉଚ୍ଚା ରଖିବା ସର୍ତ୍ତରେ ଏନ୍ଏଚଏଆଇ ଲାଇଟ ଲଗାଇବାକୁ ବିଏମ୍ସିକୁ ଅନୁମତି ଦେଇଥିଲେ। ଅଶୋକଙ୍କ ଉଦ୍ୟମ ଫଳରେ ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କର ବହୁଦିନର ଆଶା ସାକାର ହେବାକୁ ଯାଉଛି। ତେବେ ଏହାର ସମସ୍ତ ଶ୍ରେୟ ମୁଖ୍ୟମନ୍ତ୍ରୀଙ୍କର ବୋଲି ମନ୍ତ୍ରୀ ପଣ୍ଡା କହିଛନ୍ତି।

ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା, ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ପଣ୍ଡା, ମଧ୍ୟମ ବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍ତର ବିଧାୟକ ସୁଶାନ୍ତ ରାଉତ, ବିଏମ୍ସି କମିଶନର ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।




ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକଠାରେ ମଙ୍ଗଳବାର ବସ୍ତି ସୁରକ୍ଷା ମଞ୍ଚ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।




ପରୀକ୍ଷାରେ ତ୍ରୁଟି ହୋଇଥିବା ଅଭିଯୋଗ ଆଣି ଭୁବନେଶ୍ୱର ଆଇଆର୍ସି ଭିଲେଜ ସରକାରୀ ବିଦ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ଧାରଣା।

## ଡ୍ରିମ୍ସ ପଲିଟେକ୍ନିକ୍‌ରେ 'ଆରମ୍ଭ-୨୦୨୧'

କଟକ ଅଫିସ: କଟକ ଜିଲା ଟାଙ୍ଗୀସ୍ଥିତ ଡ୍ରିମ୍ସ ପଲିଟେକ୍ନିକ୍‌ରେ ନବାଗତ ବିଦ୍ୟାର୍ଥୀଙ୍କୁ ସ୍ୱାଗତ ଓ ମାର୍ଗଦର୍ଶନ କାର୍ଯ୍ୟକ୍ରମ 'ଆରମ୍ଭ-୨୦୨୧' ଭର୍ଚୁଆଲ ମାଧ୍ୟମରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଡ୍ରିମ୍ସ ଶିକ୍ଷାନୁଷ୍ଠାନ ସମୂହର ପ୍ରୋ ଚେୟାରମ୍ୟାନ୍ ଇଂ. ଦୁର୍ଗାପ୍ରସାଦ ରଥ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ମୁଖ୍ୟଅତିଥି ଓ ଏକାଡେମିକ୍ ନିର୍ଦ୍ଦେଶକ ଲୋକନାଥ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟକ୍ଷା ଇଂ. ତପସ୍ୱିନୀ ସାହୁ ଉତ୍ସବରେ ପୌରୋହିତ୍ୟ କରିଥିଲେ। ଅଧ୍ୟାପିକା ସୌମ୍ୟା ଦାସ, ଦେବବ୍ରତ ପତି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ମୀନାକ୍ଷୀ ମଲ୍ଲିକ ଅତିଥି ପରିଚୟ ଓ ମୀନାରାଣୀ ସିଂ ଧନ୍ୟବାଦ ଦେଇଥିଲେ।

# ସିଡିପିଓଙ୍କୁ ଘେରିଲେ ଶତାଧିକ ମହିଳା

## ଅଙ୍ଗନୱାଡି କର୍ମୀଙ୍କୁ ବହିଷ୍କାର ଦାବି

ବାଙ୍କୀ,୨।୨(ସ୍ୱ.ପ୍ର.)

ଡମପଡ଼ା ବ୍ଲକ ସମନ୍ୱିତ ଶିଶୁ ବିକାଶ ବିଭାଗ ଅଧୀନ କାଇମୁଣ୍ଡି ଅଙ୍ଗନୱାଡି କେନ୍ଦ୍ର କର୍ମୀ ଝୁନୁରାଣୀ ସେଠୀଙ୍କୁ ବହିଷ୍କାର ଦାବି କରି ଶତାଧିକ ମହିଳା ମଙ୍ଗଳବାର ସିଡିପିଓ ନିର୍ମଳା ପଣ୍ଡାଙ୍କୁ ଘେରାଉ କରି କେନ୍ଦ୍ର ବନ୍ଦ କରିଦେଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ସେଠୀ ଡିସେମ୍ବର ଓ ଜାନୁୟାରୀରେ ଅଙ୍ଗନୱାଡି ଶିଶୁଙ୍କୁ ଅଣ୍ଡା, ଛତୁଆ, ବାଦାମ ଲଡ୍ଡୁ, ଚାଉଳ ଓ ଡାଲି ଦେଇ ନ ଥିଲେ। ଏନେଇ ସେତେବେଳେ ବହୁ ଅଭିଭାବକ ସିଡିପିଓ ପଣ୍ଡାଙ୍କ ନିକଟରେ ଅଭିଯୋଗ କରିଥିଲେ। ଏନେଇ ପଣ୍ଡା ମହିଳା କ୍ଷେତ୍ର ପରିଦର୍ଶିକାଙ୍କୁ ଉକ୍ତ ଘଟଣା ସମ୍ପର୍କରେ ଅନୁଧ୍ୟାନ ପାଇଁ ପଠାଇଥିଲେ। କ୍ଷେତ୍ର ପରିଦର୍ଶିକା ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିଲେ। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା। ଅଙ୍ଗନୱାଡି କେନ୍ଦ୍ର ଖୋଲିବା ପରେ ସିଡିପିଓ ପଣ୍ଡା ସ୍ଥିତି ଅନୁଧ୍ୟାନ କରିବାକୁ କଇମୁଣ୍ଡି ଅଙ୍ଗନୱାଡି କେନ୍ଦ୍ରକୁ ଯାଇଥିଲେ। ସେଠୀଙ୍କୁ ବହିଷ୍କାର କରା ନ ଯିବା ପର୍ଯ୍ୟନ୍ତ ଅଙ୍ଗନୱାଡି କେନ୍ଦ୍ର ବନ୍ଦ ରହିବ ବୋଲି ଦାବିକରି ମହିଳାମାନେ କେନ୍ଦ୍ରକୁ ବନ୍ଦ କରିଦେଇଥିଲେ। ଫଳରେ ଏଠାରେ ପାଠପଢୁଥିବା ୧୫ ଶିଶୁ ପାଠପଢ଼ାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ସିଡିପିଓଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଏ ସମ୍ପର୍କରେ ବାଙ୍କୀ ଉପଜିଲାପାଳ ରଞ୍ଜନ କୁମାର ଜେନା କହିଛନ୍ତି ଘଟଣା ସମ୍ପର୍କରେ ଅନୁଧ୍ୟାନ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।


ଘେରାଉରେ ସାମିଲ ହୋଇଥିବା ମହିଳା।

## ସଂକ୍ଷେପରେ

### ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସିପିଆଇର ବିକ୍ଷୋଭ

**ସାଲେପୁର,୨।୨(ଡି.ଏନ୍.ଏ.):** ସାଲେପୁର ବ୍ଲକ ଓ ତହସିଲରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ ଦାବିକରି ମଙ୍ଗଳବାର ସିପିଆଇ ପକ୍ଷରୁ କଟକ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଅଭିଯୋଗ ଅନୁଯାୟୀ, ବ୍ଲକ ଯୋଗାଣ ବିଭାଗ ପକ୍ଷରୁ ଦିଆଯାଇଥିବା ନୂତନ ରାଶନ କାର୍ଡ ଓ ଗୁଞ୍ଜରପୁର ପଞ୍ଚାୟତରେ ନିର୍ମାଣ ହୋଇଥିବା ମଣ୍ଡପରେ ବ୍ୟାପକ ଦୁର୍ନୀତି ହୋଇଛି। ସେହିପରି ମୁତାରିଫା ପଞ୍ଚାୟତର ମଶାଣି ଜମିରେ ରାସ୍ତା ନିର୍ମାଣ ନିମ୍ନମାନର ହୋଇଛି। ଏସବୁର ତଦନ୍ତ ଦାବି କରି ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସିପିଆଇ ନେତା ଉଦୟ କେଶରୀ ବର୍ମା ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ସିପିଆଇର ନଗର କମିଟି ସମ୍ପାଦକ ବିନୋଦ ବେହେରା, ଜିଲା ସମ୍ପାଦକ ଅମରେନ୍ଦ୍ର ମହାନ୍ତି, ବାମପନ୍ଥୀ ନେତା ରାଜକିଶୋର ମଲ୍ଲିକ ସାମିଲ ହୋଇଥିଲେ।

### ଗାଁ କଲ୍ୟାଣ ସମିତି ବୈଠକ

**ବାଙ୍କୀ,୨।୨(ବି.ପ୍ର.):** ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ସମସ୍ତ ଗାଁ କଲ୍ୟାଣ ସମିତିର ସ୍ଥିତି ଅନୁଧ୍ୟାନ ନିମନ୍ତେ ମଙ୍ଗଳବାର ଏକ ସମୀକ୍ଷା ବୈଠକ ବାଙ୍କୀ ବିଡିଓଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ରତ୍ନାକର କାର୍ତ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପ୍ରଦୀପ ସାହୁ ଯୋଗଦେଇ ଗାଁ କଲ୍ୟାଣ ସମିତିର କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେଇଥିଲେ। ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ଖଜୁରିପଦା, ଚାରିମାଢ଼ିଆ ଓ ମାନପୁରରେ ଗାଁ କଲ୍ୟାଣ ସମିତିକୁ ଆସିଥିବା ଅର୍ଥରାଶି ସୁବିନିଯୋଗ କରିବା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ବ୍ଲକ ପ୍ରକଳ୍ପ ଅଧିକାରୀ ସଙ୍ଗୀତା ଦାସ, ପ୍ରମୋଦିନୀ ପାଢ଼ୀ, ଗାଁ ଗଠନ ସମିତି ସମ୍ପାଦକ ପ୍ରଦୀପ ସାହୁ, ପ୍ରମୋଦ ଦାସ, ପଞ୍ଚାୟତ ଅଧିକାରୀ କୁମର ପ୍ରଧାନ ଉପସ୍ଥିତ ଥିଲେ।

### ୱାର୍ଡବାସୀଙ୍କ ଅଭିଯୋଗ ଶୁଣିଲେ ବିଧାୟକ

**କଟକ ଅଫିସ, ୨।୨:** ବିଧାୟକ ଇଂ. ମହମ୍ମଦ ମୋକିମ ମଙ୍ଗଳବାର କଟକ ମହାନଗର ନିଗମ(ସିଏମ୍‌ସି) ୨ ନଂ. ୱାର୍ଡ ଅନ୍ତର୍ଗତ ମୁଣ୍ଡାସାହି, ନ୍ୟୁ କଲୋନି, ଗୋପାଳସାହି, ସୁଭଦ୍ରାନଗର, ଧାଗୁବାରି ଆଦି ଅଞ୍ଚଳ ପରିଦର୍ଶନ କରିଥିଲେ। ଏହି ସମୟରେ ସେ ରାସ୍ତାଘାଟ, ନାଳନର୍ଦ୍ଦମା ସଫେଇ ଓ ମରାମତି, ମଶା ନିରାକରଣ ସମ୍ପର୍କରେ ଲୋକମାନଙ୍କଠାରୁ ପଚାରି ବୁଝିଥିଲେ। ଗରିବ, ଅସହାୟ, ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ ଭତ୍ତା ପାଇବାରୁ ବଞ୍ଚିତ ହିତାଧିକାରୀ ଓ ଆବାସ ଯୋଜନାରେ ବାରମ୍ବାର ଦରଖାସ୍ତ କରିଆସୁଥିବା ହିତାଧିକାରୀଙ୍କ ଅଭିଯୋଗ ଶୁଣିଥିଲେ।

## ଫି' ହ୍ରାସ ନିର୍ଦ୍ଦେଶ ନ ମାନିଲେ ସ୍କୁଲ ସ୍ୱୀକୃତି ପ୍ରତ୍ୟାହାର ହେଉ

**କଟକ ଅଫିସ, ୨।୨:** କରୋନା ମହାମାରୀରେ ଆର୍ଥିକ ସମସ୍ୟାକୁ ନେଇ ବେସରକାରୀ ସ୍କୁଲରେ ଫି' ଆଦାୟକୁ ନେଇ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାର ପୂର୍ବରୁ ହୋଇଥିବା ଏମ୍‌ଓୟୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିସାରିଛନ୍ତି। ହେଲେ କଟକରେ ବେସରକାରୀ ସ୍କୁଲଗୁଡିକ ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରୁନାହାନ୍ତି। ଏହି ପରିପ୍ରେକ୍ଷୀରେ କଟକ ଗାନ୍ଧୀଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ କୁହାଯାଇଛି, କଟକ ଜିଲାରେ ଯେଉଁ ସ୍କୁଲଗୁଡିକ ଏହି ନିର୍ଦ୍ଦେଶ ନ ମାନୁଛନ୍ତି, ଜିଲା ଶିକ୍ଷାଧିକାରୀ ସେମାନଙ୍କ ଏକ ତାଲିକା ଦିଅନ୍ତୁ ଓ ଜିଲାପାଳ ତାଙ୍କର ସ୍ୱୀକୃତି ପ୍ରତ୍ୟାହାର ପାଇଁ ସରକାରଙ୍କୁ ସୁପାରିସ କରନ୍ତୁ।

କମ୍ ପିଲାସଂଖ୍ୟା ଦର୍ଶାଇ ରାଜ୍ୟ ସରକାର ୧୧ହଜାରରୁ ଅଧିକ ସରକାରୀ ସ୍କୁଲ ବନ୍ଦ କରିବାକୁ ଯେଉଁ ନିଷ୍ପତ୍ତି ନେଇଛନ୍ତି, ତାହାକୁ ସ୍ଥଗିତ କରିବା ସହିତ ନିର୍ବାଚିତ ଜନ ପ୍ରତିନିଧି, ସ୍କୁଲ ପରିଚାଳନା କମିଟି, ସ୍ଥାନୀୟ ବାସିନ୍ଦାଙ୍କୁ ନେଇ ଆଲୋଚନା କରିବାକୁ ପୂର୍ବରୁ ସଂଘ ଦାବି କରିଆସିଛି। ଏହି ନିଷ୍ପତ୍ତି ପ୍ରତ୍ୟାହାର ନ ହେଲେ ରାଜ୍ୟରେ ଡ୍ରପ ଆଉଟ୍ ସଂଖ୍ୟା ବୃଦ୍ଧି ପାଇବ। ଏଭଳି ଜନ ବିରୋଧୀ ,ଶିକ୍ଷା ବିରୋଧୀ ନିଷ୍ପତ୍ତି ସ୍ଥଗିତ ନ ହେଲେ ମହାସଂଘ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବ ବୋଲି ଚେତାବନୀ ଦେଇଛି। ଅନ୍ୟଏକ ଘଟଣାକ୍ରମରେ ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲକୁ ବନ୍ଦ ନିଷ୍ପତ୍ତି ପରିପ୍ରେକ୍ଷୀରେ ସ୍କୁଲ ଅଭିଭାବକଙ୍କୁ ନେଇ ବାଲାଟ ମାଧ୍ୟମରେ ମତାମତ ସଂଗ୍ରହ କରାଯାଇଥିଲା। ବାଲାଟ ବାକ୍ସରେ ଥିବା ଅଭିଭାବକଙ୍କର ମତାମତକୁ କାର୍ଯ୍ୟକାରୀ କରିବାକୁ ସଂଘ ଦାବି କରିଛି। ଏହି ସମ୍ମିଳନୀରେ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ, ସହ ଅଧ୍ୟକ୍ଷ ପ୍ରସନ୍ନ ବିଶୋଇ, ଆଡ୍‌ଭୋକେଟ୍ ବିଭୂତି ଭୂଷଣ ଚୌଧୁରୀ ଓ କଟକ ଜିଲା ଆବାହକ ଗଙ୍ଗାଧର ସାମଲ ଉପସ୍ଥିତ ଥିଲେ।



କେନ୍ଦ୍ର ସରକାରଙ୍କ ଜନବିରୋଧୀ ବଜେଟ୍‌କୁ ନେଇ କଟକ କଲେଜ ଛକଠାରେ ମଙ୍ଗଳବାର ଏସ୍‌ୟୁସିଆଇ(ସି) ପକ୍ଷରୁ ବିକ୍ଷୋଭ।

## ଭଲିବଲ: କଖଡ଼ି ଚାମ୍ପିୟନ

**ଖୁଣ୍ଟୁଣୀ,୨।୨(ଡି.ଏନ.ଏ):** ଖୁଣ୍ଟୁଣୀର ମା' କନକଦୁର୍ଗା ଭଲିବଲ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ୟୁଥ୍ କ୍ଲବ ପଡ଼ିଆରେ ଚାଲିଥିବା ୬ଷ୍ଠ ବାର୍ଷିକ ଏକଦିବସୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରି କଖଡ଼ି ଦଳ ୨ଟି ସେଟ୍‌ରେ ସତ୍ୟଭାମାପୁରକୁ ଜିତିବା ସହ ଚାମ୍ପିୟନ ହୋଇଛି। ପ୍ରତିଯୋଗିତାରେ ସତ୍ୟଭାମାପୁର, ନାରଙ୍ଗବସ୍ତ, ଜେନାପଦା, ନାନକାର, ଗୋଡିଝରିଆ, ଖୁଣ୍ଟୁଣୀ, କଟକ ଓ କଖଡ଼ି ପ୍ରଭୃତି ୮ଟି ଦଳ ଭାଗ ନେଇଥିଲେ। ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜନ ଆଚାର୍ଯ୍ୟ, ନୃସିଂହ ଚରଣ ସାହୁ ଓ ବିପିନ ବିହାରୀ ପ୍ରଧାନ ପ୍ରମୁଖ ଯୋଗଦେଇ କୃତୀ ଖେଳାଳିମାନଙ୍କୁ ନଗଦ ଅର୍ଥରାଶି ଓ ଟ୍ରଫି ପ୍ରଦାନ କରିଥିଲେ।

## ସନ୍ ହସ୍ପିଟାଲ ଅଗ୍ନିକାଣ୍ଡ ଘଟଣା

## ଅଗ୍ନିଶମ ଟିମ୍‌ର ତଦନ୍ତ ଆରମ୍ଭ

କଟକ ଅଫିସ, ୨।୨

କଟକ କନିକାଛକସ୍ଥିତ ସନ୍ ହସ୍ପିଟାଲରେ ଘଟିଥିବା ଅଗ୍ନିକାଣ୍ଡ ଘଟଣାର ମଙ୍ଗଳବାର ତଦନ୍ତ ଆରମ୍ଭ ହୋଇଛି। ଉପ ଅଗ୍ନିନିର୍ବାହୀ ଅଧିକାରୀ ତ୍ରୈଲୋକ୍ୟ ବାବୁଙ୍କ ନେତୃତ୍ୱରେ ୩ ଜଣିଆ ଟିମ୍ ପୂର୍ବାହ୍ନ ୧୧ଟା ୩୦ ମିନିଟ୍‌ରେ ଉକ୍ତ ହସ୍ପିଟାଲରେ ପହଞ୍ଚି ପ୍ରଥମେ ନିଆଁ ଲାଗିବାର କାରଣ ଖୋଜିଥିଲେ। ନିଆଁ ଲାଗିବା ପରେ ସେଠାକୁ ପ୍ରଥମେ ଯାଇଥିବା ମେଡିକାଲ କର୍ମଚାରୀ ଓ ଅଗ୍ନିଶମ କର୍ମଚାରୀଙ୍କୁ ପଚରାଉଚରା କରିଥିଲେ। ଏ ନେଇ ତ୍ରୈଲୋକ୍ୟ ବାବୁ କହିଛନ୍ତି, ବିଦ୍ୟୁତ୍ ଶଟ୍‌ସର୍କିଟ୍ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ତେବେ ଆଗକୁ ଆହୁରି ଯାଞ୍ଚ କରାଯାଇ ଉଚ୍ଚ ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରାଯିବ। ସୂଚନାଯୋଗ୍ୟ, ସୋମବାର ପୂର୍ବାହ୍ନରେ ଉକ୍ତ ହସ୍ପିଟାଲର ପଞ୍ଚମ ମହଲାରେ ନିଆଁ ଲାଗି ଅଫିସ ରୁମ୍, କମ୍ପ୍ୟୁଟର ରୁମ୍, ଏସି, ଦୁଇଟି ଏଲ୍‌ଇଡି ଟିଭି, ଦାମୀ ଆସବାବପତ୍ର ସମେତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡି ପାଉଁଶ ହୋଇଯାଇଥିଲା। ନିଆଁ ଲାଗିବା ଜଣାପଡିବା ପରେ ହସ୍ପିଟାଲରେ ଥିବା ୧୧ ଜଣ ରୋଗୀଙ୍କୁ ସୁରକ୍ଷିତ ଭାବେ ଏସ୍‌ସିବି ମେଡିକାଲ ସମେତ ଅନ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ପ୍ରାୟ ୬୦ ଜଣ କର୍ମଚାରୀ ଅଢେଇ ଘଣ୍ଟା ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ।

# ଯୋଗମୁହାଁ ଯୁବପିଢ଼ି


ବୟସ୍କ ବ୍ୟକ୍ତି, ମହିଳା ଓ ପିଲାମାନେ ଯୋଗ କରୁଛନ୍ତି।

ସୁପ୍ରିୟା ପ୍ରିୟଦର୍ଶିନୀ
କଟକ ଅଫିସ, ୨।୨

ଶରୀର ସୁସ୍ଥ ରହିବା ପାଇଁ ମନକୁ ଶାନ୍ତ ରଖିବା ଆବଶ୍ୟକ। ମନର ସୁସ୍ଥତା ପାଇଁ ଦରକାର ଅନୁକୂଳ ପରିବେଶ ଓ ଉପଯୁକ୍ତ ପନ୍ଥା, ଯାହା ଯୋଗ ଦ୍ୱାରା ହିଁ ଉପଲବ୍ଧି ହୋଇଥାଏ। ନିୟମିତ ଯୋଗ କଲେ ମଣିଷ ଓ ପ୍ରକୃତି ମଧ୍ୟରେ ସମନ୍ୱୟ ସ୍ଥାପିତ ହୋଇ ପ୍ରାପ୍ତହୁଏ ସମ୍ପୂର୍ଣ୍ଣ ସୁସ୍ଥତା। ବର୍ତ୍ତମାନ ସୁସ୍ଥ ରହିବାପାଇଁ ଯୁବପିଢିଙ୍କଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ଆଗ୍ରହୀ। ସକାଳ ଓ ସନ୍ଧ୍ୟାରେ ଯୋଗକେନ୍ଦ୍ରରେ ଲୋକଙ୍କ ଭିଡ଼ ଜମୁଛି, ଏହି ଭିଡ଼ ମଧ୍ୟରେ ବୟସ୍କ ବ୍ୟକ୍ତିଙ୍କ ସଂଖ୍ୟା ଅଧିକ ଥିବା ବେଳେ ଯୁବତୀଯୁବକମାନେ ମଧ୍ୟ ନଜର ଆସୁଛନ୍ତି। ଛୋଟ ପିଲାମାନେ ମଧ୍ୟ ଏଥିପ୍ରତି ଆକର୍ଷିତ ହେବାରେ ଲାଗିଲେଣି। ସବୁ ପିଢ଼ିର ଲୋକଙ୍କ ମଧ୍ୟରେ ଦିନକୁ ଦିନ ଯୋଗର ଚାହିଦା ବଢିବାରେ ଲାଗିଛି । ଆଗରୁ ବିଭିନ୍ନ ସ୍ଥାନରେ ନିଃଶୁଳ୍କ ଯୋଗକେନ୍ଦ୍ର ଚାଲିଥିଲା । ବର୍ତ୍ତମାନ ଯୋଗର ଗୁରୁତ୍ୱ ଏତେ ବଢ଼ିଛି ଯେ ଲୋକମାନେ ଅର୍ଥ ଦେଇ ଯୋଗ କେନ୍ଦ୍ରଗୁଡ଼ିକରେ ଯୋଗାଭ୍ୟାସ କରିବାକୁ ଯାଉଛନ୍ତି। ଏହାଛଡା ବିଭିନ୍ନ ପାର୍କରେ ମଧ୍ୟ ଲୋକମାନେ ଯୋଗାଭ୍ୟାସ କରୁଥିବା ଦେଖିବାକୁ ମିଳୁଛି। କେବଳ କଟକ ନୁହେଁ, ରାଜ୍ୟର ବିଭିନ୍ନ ସହର ଓ ଗ୍ରାମାଞ୍ଚଳରେ ଥିବା ଯୋଗକେନ୍ଦ୍ରରେ ସମାନ ଦୃଶ୍ୟ ନଜରକୁ ଆସୁଛି। ୪୦ରୁ ଊର୍ଦ୍ଧ୍ୱ ବୟସର ଲୋକେ ଯୋଗକୁ ଅଧିକ ଗୁରୁତ୍ୱ ଦେଉଥିବାବେଳେ ୧୮ରୁ ୩୦ ବର୍ଷର ଯୁବବର୍ଗ ଏଥିପ୍ରତି ଧୀରେ ଧିରେ ଆଗ୍ରହୀ ହେଉଛନ୍ତି। କଟକର ବିଭିନ୍ନ ସ୍ଥାନରେ ପ୍ରାୟ ୧୫ ରୁ ୨୦ଟି ଯୋଗ ପ୍ରଶିକ୍ଷଣ କେନ୍ଦ୍ର ଖୋଲିଛି।

## ଏମାନେ କ'ଣ କୁହନ୍ତି...

### ଯୋଗଦ୍ୱାରା ପ୍ରକୃତ ସୁସ୍ଥତା, ସୁନ୍ଦରତା ମିଳିଥାଏ



ଯୋଗର ଫାଇଦା କହିଲେ ସରିବନି। ପ୍ରକୃତ ସୁସ୍ଥତା ଓ ସୁନ୍ଦରତା ଯୋଗରୁ ହିଁ ମିଳିଥାଏ। ଆମ ଶରୀରର ଶିରାପ୍ରଶିରା, ଧମନୀ ଆଦିର ଯତ୍ନ ନେବାକୁ ଚାହୁଁଥିଲେ ଯୋଗ ହିଁ ସର୍ବୋତ୍ତମ ଉପାୟ। ଶୈଶବ ଅବସ୍ଥାରେ ଶରୀରରେ ଯେତେ ଶକ୍ତି ଥାଏ, ବୟସ ବଢିବା ସହ ତାହା କମି କମି ଯାଇଥାଏ। କେବଳ ଯୋଗଦ୍ୱାରା ହିଁ ଶରୀରରେ ପୁନଃ ଉର୍ଜା ସଞ୍ଚରିତ ହୋଇଥାଏ। ତେଣୁ ଛୋଟବେଳୁ ଯୋଗ ପ୍ରଶିକ୍ଷଣ ବାଧ୍ୟତାମୂଳକ କରିବା ଆବଶ୍ୟକ। ଆଗ ଅପେକ୍ଷା ଯୁବପିଢି କିଛି ମାତ୍ରାରେ ଏଥିପ୍ରତି ଆଗ୍ରହୀ ହେଲେଣି। କିନ୍ତୁ ବୟସ୍କ ବ୍ୟକ୍ତିଙ୍କ ଆଗ୍ରହ ଅଧିକ ରହିଛି। ଜିମ୍ ଯାଇ ବ୍ୟାୟାମ କରିବାଦ୍ୱାରା ବାହ୍ୟ ଶରୀର ସୁନ୍ଦର ଦେଖାଯାଏ, କିନ୍ତୁ ଯୋଗ ଦ୍ୱାରା ଶରୀର ଭିତରୁ ସୁସ୍ଥ ହୋଇଥାଏ। ଖୁସିର କଥା, ଉନ୍ନତ ଚିକିତ୍ସା ପଦ୍ଧତି ଉପଲବ୍ଧ ଥିବା ବିକଶିତ ରାଷ୍ଟ୍ରଗୁଡିକରେ ମଧ୍ୟ ଯୋଗପଦ୍ଧତିକୁ ଆପଣାଇବାରେ ଲାଗିଲେଣି। ପ୍ରକୃତ ଶାରୀରିକ ଓ ମାନସିକ ସୁସ୍ଥତା ଅନୁଭବ କଲେଣି। ଭାରତୀୟ ଯୋଗସାଧକମାନେ ସେହିସବୁ ରାଷ୍ଟ୍ରରେ ଯୋଗକୁ ଲୋକପ୍ରିୟ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି । କିନ୍ତୁ ବିଡ଼ମ୍ବନାର ବିଷୟ, ଆମ ଦେଶର ଯୁବପିଢ଼ି ଏଥିପ୍ରତି ସେତେଟା ସଚେତନ ନୁହନ୍ତି।

**-ସବିତା ପରିଡ଼ା, ଯୋଗ ପ୍ରଶିକ୍ଷିକା**

### ଶାରୀରିକ ସମସ୍ୟା ଦୂର ହେଉଛି, ଓଜନ ବି କମୁଛି



ଯୋଗ କରିବା ଦ୍ୱାରା ଶରୀର ଓ ମନର ସର୍ବୋତ୍ତମ ସ୍ୱାସ୍ଥ୍ୟରକ୍ଷା ହୋଇପାରେ। ଯୋଗସାଧନା ଇନ୍ଦ୍ରିୟ, ମନ, ପ୍ରାଣ ଇତ୍ୟାଦିର କ୍ରିୟାକୁ ସମନ୍ୱିତ ଓ ଶୃଙ୍ଖଳିତ କରିଥାଏ, ଯାହା ଜିମ୍ ଦ୍ୱାରା ସମ୍ଭବ ହୋଇ ନ ଥାଏ। ବୟସ ଅନୁସାରେ ମୋ ଓଜନ ଅଧିକ ରହିବା ସହ ଶରୀରରେ ଅନେକ ସମସ୍ୟା ମଧ ଥିଲା। ୨ବର୍ଷ ତଳୁ ମୁଁ ନିୟମିତ ଯୋଗ କରିବା ଆରମ୍ଭ କରିଛି। ଫଳରେ ମୋ ଶରୀର ସମସ୍ୟା ଧୀରେ ଧୀରେ ଦୂର ହେବା ସହ ଓଜନ ମଧ କମିଛି। ବର୍ତ୍ତମାନ ସମୟରେ ମୋ ବୟସର ପିଲାମାନେ ଏଥିପ୍ରତି ଅଧିକ ଆକର୍ଷିତ ନୁହନ୍ତି। କିନ୍ତୁ ଯୋଗର ଯେତେ ଉପକାରିତା ରହିଛି, ସମସ୍ତେ ଆପଣାଇବା କଥା।

**-ଡଲି ସ୍ୱାଇଁ, ଛାତ୍ରୀ**

### ସୁଗାର ନିୟନ୍ତ୍ରଣ କରିବାରେ ସହାୟକ



ଆଗରୁ ଯେବେ ଯୋଗ କରିବା କଥା କୁହାଯାଉଥିଲା ମୁଁ ଭାବୁଥିଲି ଏହା କେବଳ ବୃଦ୍ଧମାନଙ୍କ ପାଇଁ । ମୋ ଶରୀରକୁ ଏହାର କୌଣସି ଆବଶ୍ୟକତା ନାହିଁ, କିନ୍ତୁ ଅତି କମ ବୟସରୁ ମୁଁ ମଧୁମେହ ରୋଗରେ ପୀଡିତ ହେବା ପରେ ଯୋଗ କରିବା ଆରମ୍ଭ କଲି । ଯୋଗର ପ୍ରକୃତ ଫାଇଦା ଏବେ ମୁଁ ବୁଝିପାରୁଛି । ଶରୀରରେ ସୁଗାର ମାତ୍ରକୁ ନିୟନ୍ତ୍ରିତ ରଖିବା ସହ ମନରେ ଶାନ୍ତି ମଧ ପ୍ରଦାନ କରିଥାଏ ଯୋଗ ।

**-ଶୁଭଶ୍ରୀ ପଶାୟତ, ଛାତ୍ରୀ**

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ମନମୋହନ


@ ସତ୍ୟନାରାୟଣ


@ ନିହାର


@ ଉମାକାନ୍ତ


@ ପ୍ରଦୀପ


@ ଜ୍ୟୋତିରଞ୍ଜନ


@ ଶ୍ରୀକାନ୍ତ


@ ଅତୁଲ

## ଆଜିର କାର୍ଯ୍ୟକ୍ରମ

ସାକ୍ଷୀଗୋପାଳ
■ ସାକ୍ଷୀଗୋପାଳ ମନ୍ଦିର ସେବାୟତଙ୍କୁ କୋଭିଡ୍ ସହାୟତା ପ୍ରଦାନ, ସାକ୍ଷୀଗୋପାଳ ପାନ୍ଥଶାଳା, ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ୧, ୮୫, ୯୦୧ ଶିଶୁ ଖାଇଲେ ପୋଲିଓ ବୁନ୍ଦା

**ପୁରୀ ଅଫିସ, ୨।୨:** ପୁରୀ ଜିଲାରେ ପଲ୍ସ ପୋଲିଓ କାର୍ଯ୍ୟକ୍ରମ ମଙ୍ଗଳବାର ଶେଷ ହୋଇଛି। ୩ ଦିନରେ ୧ଲକ୍ଷ ୮୫ ହଜାର ୯୦୧ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯାଇଛି। ଏନେଇ ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଗତ ୩୧ ତାରିଖରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଶେଷ ଦିନରେ ୬୫୭୭ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଛି। ତନ୍ମଧ୍ୟରେ ଗ୍ରାମାଞ୍ଚଳର ୨୪୧୮ ଏବଂ ସହରାଞ୍ଚଳ ଓ ବିଜ୍ଞାପିତ ପରିଷଦ ଅଞ୍ଚଳର ୪୧୫୯ ଜଣ ଶିଶୁ ରହିଛନ୍ତି। ଚଳିତବର୍ଷ ଏହି କାର୍ଯ୍ୟକ୍ରମରେ ୧୦୧.୩୦ ପ୍ରତିଶତ ସଫଳତା ହାସଲ ହୋଇଛି।

### ୧୦ରେ ଠାକୁର ପରମହଂସଙ୍କ ଜୟନ୍ତୀ ଉତ୍ସବ

**କଣାସ, ୨।୨(ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ କରମଳାଠାରେ ପ୍ରତିଷ୍ଠିତ ଠାକୁର ଅଭିରାମ ପରମହଂସଙ୍କ ଶାନ୍ତିଧାମ ଆଶ୍ରମରେ ପ୍ରତିବର୍ଷ ପରି ଏବର୍ଷ ମଧ କୋଭିଡ ନିୟମ ମାନି ଆସନ୍ତା ୧୦ ଓ ୧୧ତାରିଖରେ ୧୧୮ତମ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଏ ନେଇ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ବାବାଜି ପ୍ରେମାନନ୍ଦ ଦାସ ମହାରାଜଙ୍କ ଅଧ୍ୟକ୍ଷତାରେ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଖପାଖ ଗ୍ରାମର ଶାନ୍ତି କମିଟିର ସଭ୍ୟମାନେ ଯୋଗଦେଇ ଥିବାବେଳେ ଆଶ୍ରମର ସାଧୁ ସନ୍ନ୍ୟାସୀ ଉପସ୍ଥିତ ଥିଲେ। କୋଭିଡ୍ ନିୟମ ଅନୁଯାୟୀ ଏଥର ଠାକୁରଙ୍କ ବାର୍ଷିକ ଉତ୍ସବ ୫ଦିନ ପରିବର୍ତ୍ତେ ୨ଦିନରେ କରିବା ପାଇଁ ବୈଠକରେ ନିଷ୍ପତ୍ତି କରାଯାଇଥିଲା। ସମସ୍ତ ସାଧୁ ସନ୍ନ୍ୟାସୀ ଓ ଭକ୍ତମାନେ କୋଭିଡ୍ ନିୟମ ମାନି ମାସ୍କ ପିନ୍ଧି, ସାମାଜିକ ଦୂରତା ରଖି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ନିଷ୍ପତ୍ତି କରାଯାଇଥିଲା।

### ସଂଗ୍ରାମୀ ଘନଶ୍ୟାମ ଦାଶଙ୍କ ସ୍ମୃତିସଭା

**ନିମାପଡ଼ା, ୨।୨(ଡି.ଏନ୍.ଏ.):** ନିମାପଡ଼ା ଘନଶ୍ୟାମ ଦାଶ ସ୍ମୃତି କମିଟି ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ, ସାମ୍ୟବାଦୀ ନେତା ସ୍ୱର୍ଗତ ଘନଶ୍ୟାମ ଦାଶଙ୍କ ୩୦ତମ ସ୍ମୃତିସଭା ମଙ୍ଗଳବାର ସ୍ଥାନୀୟ ଗୋଲେଇ ଛକଠାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ କମିଟି ସଭାପତି ଲୋକନାଥ ରଥ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ବସନ୍ତ ପାତ୍ର ଅତିଥି ପରିଚୟ ଦେବା ସହ ସ୍ୱାଗତ ଭାଷଣ ଦେଇଥିଲେ। ସଭାରେ ଅତିଥି ଭାବେ ଶିକ୍ଷାବିତ କ୍ଷୀରୋଦ ଚନ୍ଦ୍ର ମହାପାତ୍ର, ଗୋପୀନାଥ କର, ଅନିଲ କୁମାର ବିଶ୍ୱାଳ, କୃଷକ ନେତା ସନାତନ ପାତ୍ର, କୃଷ୍ଣଚନ୍ଦ୍ର ରାଉତ, ବିଜେଡି ନେତା ସୁଧୀର ରଞ୍ଜନ ଦାଶ, ବାଳକୃଷ୍ଣ ଓଝା, ସୁବାସ ଚନ୍ଦ୍ର ସେନାପତି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାଶଙ୍କ ସ୍ମୃତିଚାରଣ କରିବାସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମାରୋହରେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ଶିକ୍ଷାବିତ, ବୁଦ୍ଧିଜୀବୀ, ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ସ୍ୱର୍ଗତ ଦାଶଙ୍କ ଫଟୋରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ 'ବର୍ତ୍ତମାନ ଦେଶରେ କୃଷକଙ୍କ ସମସ୍ୟା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

# ଅସ୍ତରଙ୍ଗରେ ଭିଜିଲାନ୍ସର ଖୋଳତାଡ଼

**ଅସ୍ତରଙ୍ଗ, ୨।୨(ଡି.ଏନ୍.ଏ.)**

ପୁରୀ ଜିଲା ମୃତ୍ତିକା ସଂରକ୍ଷଣ ବିଭାଗ ଅଧୀନରେ ଅସ୍ତରଙ୍ଗ ବ୍ଲକରେ ଚାରାରୋପଣ ଓ ରାଡ୍ ଯୋଜନାରେ ଦୁର୍ନୀତି ହୋଇଥିବା ଅଭିଯୋଗରେ ମଙ୍ଗଳବାର ଭୁବନେଶ୍ୱର ଭିଜିଲାନ୍ସର ଡିଏସପି ଅନୁପମା ମହାପାତ୍ରଙ୍କ ନେତୃତ୍ୱରେ ୬ଜଣିଆ ଟିମ୍ ୨ ପଞ୍ଚାୟତରେ ଖୋଳତାଡ଼ କରିଛନ୍ତି। ସୂଚନାଯୋଗ୍ୟ, ଏହି ବ୍ଲକର ଝାଡ଼ଲିଙ୍ଗ ଓ ନୂଆଗଡ଼ ପଞ୍ଚାୟତରେ ଚାରା, ରାଡ୍ ଯୋଜନାରେ ଦୁର୍ନୀତି ହୋଇଥିବା ନେଇ ଅଞ୍ଚଳର ସାମାଜିକ କର୍ମୀ ଜିତେନ୍ଦ୍ର ସ୍ୱାଇଁ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ତେବେ ପୂର୍ବରୁ ମଧ ବ୍ଲକରେ ମୃତ୍ତିକା ବିଭାଗରେ ଦୁର୍ନୀତି ହୋଇଥିବା ଅଭିଯୋଗରେ ଭିଜିଲାନ୍ସ ଟିମ ଯାଞ୍ଚ କରି ଫେରିଥିଲେ। ତେବେ ଏବେ ପୁଣି ଅଭିଯୋଗ ହେବା ପରେ ଭିଜିଲାନ୍ସ ଟିମ୍ ଅଭିଯୋଗକାରୀଙ୍କୁ ଧରି ୨ ପଞ୍ଚାୟତ ବୁଲି ଯାଞ୍ଚ କରିଥିଲେ। ପ୍ରଥମେ ଟିମ୍ ଝାଡ଼ଲିଙ୍ଗରେ ପହଞ୍ଚି ଗଛ ଗଣିବା ସମେତ ମୃତ୍ତିକା ସଂରକ୍ଷଣ ଦର୍ଶାଉଥିବା ବିଭିନ୍ନ ସ୍ଥାନର ପ୍ରକଳ୍ପ କାର୍ଯ୍ୟ ଯାଞ୍ଚ କରିଥିଲେ। ସେହିପରି ନୂଆଗଡ଼ରେ ପଞ୍ଚାୟତରେ ରାଡ୍ ଯୋଜନାରେ ଗାଈ ଓ ଛେଳିମେଣ୍ଢା ହାତେଇଥିବା ଅଧିକାଂଶ ମଧ୍ୟରୁ ପ୍ରାୟ ୮ଜଣ ହିତାଧିକାରୀଙ୍କ ଘରକୁ ଯାଇ କିଏ ପ୍ରକୃତ ଯୋଗ୍ୟ ବା ଅଯୋଗ୍ୟ ତାହା ଟିମ୍ ତନଖି କରିଥିଲେ। ଏହି ହିତାଧିକାରୀଙ୍କ ମଧ୍ୟରେ ବିଜୟ ମହାନ୍ତି, ଦୀପ୍ତି କାଣ୍ଡି, ଶରତ ମହାନ୍ତି, ବୈରାଗୀ ମହାନ୍ତି, ଡଲି ଦାସ, ଶାନ୍ତନୁ ମହାନ୍ତି, ରାଜୁ ପ୍ରଧାନ, ଆଶୁତୋଷ ବାରିକଙ୍କ ଘରକୁ ଯାଇ ତନଖି କରିବା ଜିତେନ୍ଦ୍ର ସୂଚନା ଦେଇଛନ୍ତି। ରାଡ୍ ଯୋଜନାର ତାଲିକାରେ ବହୁ ପ୍ରଭାବଶାଳୀ, ଚାରିଚକିଆ ଓ ଧନୀ ପରିବାର ଥିବା ଭିଜିଲାନ୍ସ ଟିମ୍ ସୁରାକ ପାଇବା ଜିତେନ୍ଦ୍ର କହିଛନ୍ତି। ଖୁବଶୀଘ୍ର ତଦନ୍ତ କାର୍ଯ୍ୟ ଶେଷ କରି ଆସନ୍ତା ୧୮ ତାରିଖ ପୂର୍ବରୁ ଲୋକାୟୁକ୍ତଙ୍କୁ ରିପୋର୍ଟ ଦେବାକୁ ପ୍ରସ୍ତୁତ ହେଉଥିବା ଟିମ୍‌ର ମୁଖ୍ୟ ଡିଏସ୍‌ପି ମହାପାତ୍ର ସୂଚନା ଦେଇଛନ୍ତି। ଟିମ୍ ମଧ୍ୟରେ ପୁରୀ ଜିଲା ମୃତ୍ତିକା ସଂରକ୍ଷଣ ବିଭାଗର ଅଫିସର ସ୍ୱୟଂପ୍ରଭା ଦାସ ଓ ବିଶ୍ୱଜିତ ପ୍ରଧାନ, ଜିଲା ଉଦ୍ୟାନ କୃଷି ବିଭାଗର ୨ ଅଫିସର ସାମିଲ ହୋଇ ବିଭିନ୍ନ ପ୍ରକଳ୍ପ ସ୍ଥାନ ଯାଞ୍ଚ କରିଥିଲେ।


ଯାଞ୍ଚ ପାଇଁ ଆସିଥିବା ଭିଜିଲାନ୍ସ ଅଧିକାରୀମାନେ।

**ଝାଡ଼ଲିଙ୍ଗରେ ଗଛ, ନୂଆଗଡ଼ରେ ରାଡ୍ ଯୋଜନାର ଯାଞ୍ଚ**


ପୁରୀ ବଡ଼ଛତା ମଠରେ ଶିଳ୍ପୀମାନେ ମହାପ୍ରଭୁଙ୍କ ଲାଗି ସୋଲରେ ପଦ୍ମବେଶ ପ୍ରସ୍ତୁତ କରୁଛନ୍ତି।

## ବକୁଳବନ ମହୋତ୍ସବ ନେଇ ପ୍ରସ୍ତୁତି ବୈଠକ

**ସାକ୍ଷୀଗୋପାଳ, ୨।୨(ଡି.ଏନ୍.ଏ.)**

ଓଡ଼ିଶାର ଅନ୍ୟତମ ଐତିହ୍ୟ ପୀଠ ସତ୍ୟବାଦୀ ବକୁଳବନ ସ୍ମୃତି ଉଜ୍ଜୀବିତ ରଖିବା ଲକ୍ଷ୍ୟରେ ଆୟୋଜିତ ବକୁଳବନ ମହୋତ୍ସବ ନେଇ ଏକ ପ୍ରସ୍ତୁତି ବୈଠକ ପଞ୍ଚସଖା ସ୍ମୃତି ସମାଧି ପୀଠରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ କମିଟିର ସଭାପତି ସାଧୁଚରଣ ବେହେରା ବୈଠକରେ ଅଧ୍ୟକ୍ଷତା କରିଥିଲେ। ପରାମର୍ଶଦାତା କବି ସଚ୍ଚିକାନ୍ତ ବିଶ୍ୱାଳ ବକୁଳବନର ସଂସ୍କୃତି ଓ ଐତିହ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସ୍ମରଣିକା ପ୍ରକାଶ ପାଇବାକୁ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ବକୁଳବନ ସୁରକ୍ଷା ଓ ଯତ୍ନ ଅପରିହାର୍ଯ୍ୟ ବୋଲି ବିଧାୟକଙ୍କ ପ୍ରତିନିଧି ସୁନୀଲ କୁମାର ପଣ୍ଡା କହିଥିଲେ। ଅନ୍ୟ ମଧ୍ୟରେ କମିଟିର କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ନାଥ ଷଡଙ୍ଗୀ, ସମ୍ପାଦକ ଯଯାତି କେଶରୀ ରାୟ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଶରତ ଚନ୍ଦ୍ର ରଥ, ନୀଳିମା ରଥ, ରବୀନ୍ଦ୍ରନାଥ ଶତପଥୀ, ଭରତ ରାଉତ ଓ ସୁଧାଂଶୁ ଶେଖର ନାୟକ ପ୍ରମୁଖ ଯୋଗଦେଇଥିଲେ। ସେହିପରି ସତ୍ୟବାଦୀ ମହୋତ୍ସବର ପ୍ରାରମ୍ଭିକ ପ୍ରସ୍ତୁତି ବୈଠକ ମନ୍ଦିର ଦୋଳବେଦୀ ନିକଟରେ ସଭାପତି ଜାନକୀ ବଲ୍ଲଭ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଆଗାମୀ ୭ ତାରିଖରେ ପୂର୍ଣ୍ଣାଙ୍ଗ ପ୍ରସ୍ତୁତି ବୈଠକରେ ମହୋତ୍ସବର ରୂପରେଖ ଚୂଡ଼ାନ୍ତ ହେବାକୁ ସ୍ଥିର କରାଯାଇଛି। ସମ୍ପାଦକ ଜାନକୀ ବରାଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସଂଯୋଜକ ଦୀପକ କୁମାର ଶତପଥୀ, ଅଞ୍ଜନ ହୋତା, ବାବୁଜି ମହାପାତ୍ର ଓ ପ୍ରାତୁର୍ଯ୍ୟ ହୋତା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଭଙ୍ଗା ଘରେ ଅଙ୍ଗନୱାଡ଼ି କେନ୍ଦ୍ର

**କାକଟପୁର, ୨।୨(ଡି.ଏନ୍.ଏ.)**

ଚଳିତ ମାସ ୧ ତାରିଖରୁ ରାଜ୍ୟରେ ଥିବା ସମସ୍ତ ଅଙ୍ଗନୱାଡି କେନ୍ଦ୍ର ଖୋଲିଛି। ହେଲେ କାକଟପୁର ବ୍ଲକ କୁଣ୍ଢେଇ ପଞ୍ଚାୟତର ବାଜପୁର ଗ୍ରାମରେ ଥିବା ୨ ଅଙ୍ଗନୱାଡି କେନ୍ଦ୍ର ଅସୁରକ୍ଷିତ ଭାବେ ଏକ ବିଦ୍ୟାଳୟର ଗୃହରେ ଚାଲିଥିବା ଦେଖିବାକୁ ମିଳିଛି। କାନ୍ଥ ସବୁ ଫାଟିଯାଇଥିବା ବେଳେ ଆଜବେଷ୍ଟସ ପ୍ରାୟ ଭାଙ୍ଗିଗଲାଣି। ସେହି ଦୁଇ ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ପାଇଁ ଅଧା କାର୍ଯ୍ୟ ହୋଇ ୨ବର୍ଷ ହେବ ସେଭଳି ପଡ଼ିରହିଛି। ଏହି ୨ ନୂତନ କେନ୍ଦ୍ରରେ ରୋଷେଇ ଘର, ପିଇବାପାଣି ବ୍ୟବସ୍ଥା, ବିଦ୍ୟୁତ୍ ଓ ଆନୁଷଙ୍ଗିକ ସୁବିଧା ନ ଥିବାରୁ ଖୋଲାଯାଇ ପାରୁ ନାହିଁ। ଫଳରେ ଗୃହ ଦୁଇଟି ସ୍ଥାନୀୟ ଲୋକ କବ୍‌ଜା କରି ନିଜସ୍ୱ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ବିଦ୍ୟାଳୟ ହତା ମଧ୍ୟରେ କାର୍ଯ୍ୟ କରୁଥିବା ୨ଟି ଅଙ୍ଗନୱାଡି କେନ୍ଦ୍ରରେ ୪୦ରୁ ଊର୍ଦ୍ଧ୍ୱ ଶିଶୁ ଆସୁଥିବାବେଳେ ବିପଦସଙ୍କୁଳ ଅବସ୍ଥାରେ ଅଧ୍ୟୟନ କରୁଛନ୍ତି। ବ୍ଲକ ପ୍ରଶାସନିକ ଅଧିକାରୀଙ୍କର ଅପାରଗତା ସହ ନିର୍ମାଣ କରୁଥିବା ଠିକାଦାର ମନମୁଖି କାର୍ଯ୍ୟ କରିଥିବାରୁ ଏଭଳି ଅବସ୍ଥା ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି। ତେଣୁ ତୁରନ୍ତ ବ୍ଲକ ପ୍ରଶାସନ ବାକି ଥିବା କାର୍ଯ୍ୟ ଶେଷ କରି କେନ୍ଦ୍ରକୁ ଉକ୍ତ ଗୃହକୁ ହସ୍ତାନ୍ତର କରିବାକୁ ଦାବି ହେଉଛି।



ଅଙ୍ଗନୱାଡି କେନ୍ଦ୍ର ଚାଲିଥିବା ଗୃହର ଆଜବେଷ୍ଟସ ଭାଙ୍ଗିପଡ଼ିଛି।

## ଖରିଫ ଧାନ ଫସଲ ପାଇଁ ଲୁଣା ନଦୀ ଭରସା

**ଡେଲାଙ୍ଗ, ୨।୨(ଡି.ଏନ୍.ଏ.)**

ଡେଲାଙ୍ଗ ଓ କଣାସ ବ୍ଲକର ଚାଷୀମାନେ ଏବେ ଖରିଫ ଧାନ ଫସଲ କରୁଛନ୍ତି। କିନ୍ତୁ ଦୀର୍ଘଦିନ ହେବ ନଦୀ ଖନନ ନ ହେବା ଦ୍ୱାରା ଚାଷୀମାନେ ଲୁଣାନଦୀ ଭରସାରେ ଚାଷ କରନ୍ତି। ଫଳରେ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଡେଲାଙ୍ଗ ଓ କଣାସ ଖାଲୁଆ ଅଞ୍ଚଳ ହୋଇଥିବାରୁ ବର୍ଷା ଦିନେ ଚାଷ ଜମିଗୁଡିକ ଜଳରେ ବୁଡ଼ି ରହିଥାଏ। ଏଠାକାର ଅଧିବାସୀମାନେ ଅଧିକାଂଶ ଖରିଫ ଧାନ ଉପରେ ନିର୍ଭରଶୀଳ। ଖରାଦିନେ ନଦୀରେ ଜଳ ନ ରହିଲେ କୂଳବର୍ତ୍ତୀ ଗ୍ରାମଗୁଡିକର ଦୁର୍ଦ୍ଦଶା ବଢ଼ିଯାଏ। ନଦୀରେ ପାଣି ନ ଥିବା ହେତୁ ଉଠାଜଳସେଚନ ସବୁ ଅଚଳ ହୋଇ ପଡିଛି। କେତେକ ଜମି ଫାଟି ଆଁ କଲାଣି। ନଦୀ ଅଧା ଖନନ ହୋଇଥିବାରୁ ଉପରମୁଣ୍ଡ ପୋତି ହୋଇ ଏପରି ସମସ୍ୟା ଉପୁଜିଛି। ଫଳରେ ଚାଷୀମାନେ ଖରିଫ ଧାନ ପାଇଁ ଲୁଣା ନଦୀରେ ଭରସା କରି କାର୍ଯ୍ୟ କରୁଛନ୍ତି। ଜାନୁୟାରୀ ୨୦ରୁ କେନାଲ ପାଣି ଆସିଥିଲେ ମଧ ଅଧ୍ୟାବଧି ନଦୀରେ ପର୍ଯ୍ୟାପ୍ତ ପାରିମାଣର ଜଳ ଛଡା ଯାଇ ନ ଥିବାରୁ ଚାଷଜମିରେ ଜଳ ମାଡି ପାରୁନାହିଁ। ଏ ସମ୍ପର୍କରେ ଜଳସମ୍ପଦ ସହକାରୀ ଯନ୍ତ୍ରୀ ମକର ବେହେରା କହିଛନ୍ତି, କୌଣସି କାର୍ଯ୍ୟ ହେଉଥିବାରୁ ବିଳମ୍ବ ହୋଇଛି, ଖୁବଶୀଘ୍ର ପାଣି ଛଡ଼ାଯିବ। ସେହିପରି ଡ୍ରେନେଜ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭଗବାନ ଦାସ କହିଛନ୍ତି, ଡେଲାଙ୍ଗଠାରୁ ମୁନିନ୍ଧା ପର୍ଯ୍ୟନ୍ତ ଖନନ ସରିଛି। ମୁନିନ୍ଧା ଠାରୁ ଜଘାର ପର୍ଯ୍ୟନ୍ତ(୪କି.ମି ) ଡ୍ରେଜିଂ ପାଇଁ ଟେଣ୍ଡର ହୋଇଛି। ଏଥିପାଇଁ ୭ କୋଟି ୪୦ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି। ଏହା ଖୁବଶୀଘ୍ର କାମ ଆରମ୍ଭ ହେବ ବୋଲି ସେ ସୂଚନା ଦେଇଛନ୍ତି।

## ଶହୀଦ ଦିବସରେ ଛାତ୍ରୀଛାତ୍ରଙ୍କ ସ୍ୱଚ୍ଛତା ଅଭିଯାନ


ଶହୀଦ ଦିବସ ପାଳନ ଅବସରରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଶିକ୍ଷକ।

**କଣାସ, ୨।୨(ସ୍ୱ.ପ୍ର.)**

କଣାସ ବ୍ଲକ ଅନ୍ତର୍ଗତ ଦୟାବିହାରଠାରେ ପ୍ରତିଷ୍ଠିତ ସରକାରୀ ମହାବିଦ୍ୟାଳୟର ଏନ୍‌ସିସି ଛାତ୍ରୀଛାତ୍ରଙ୍କ ପକ୍ଷରୁ ଜାତୀୟ ଶହୀଦ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ପ୍ରଥମେ କଲେଜ ପରିସର ମଧ୍ୟରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଛାତ୍ରୀଛାତ୍ରମାନେ ପୁଷ୍ପମାଲ୍ୟ ପ୍ରଦାନ କରିବା ପରେ ଏନ୍‌ସିସି କ୍ୟାଡେଟମାନେ ସ୍ୱଚ୍ଛତା ଅଭିଯାନ ନେଇ ଏକ ଶୋଭାଯାତ୍ରା କରିଥିଲେ। ଗ୍ରାମ ପରିକ୍ରମା କରି ପରିମଳ ଓ ସ୍ୱଚ୍ଛତା ଉପରେ ସ୍ଲୋଗାନ୍ ଦେବା ସହ ଜନସାଧାରଣଙ୍କୁ ସଚେତନ କରିଥିଲେ। ଏନ୍‌ସିସି ଅଫିସର୍ କ୍ୟାପ୍ଟେନ୍ ପ୍ରତାପକେଶରୀ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଏକ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ଏଥିରେ କୃତୀ କ୍ୟାଡେଟ ଚନ୍ଦନ କୁମାର ପ୍ରଧାନ, ସର୍ବେଶ୍ୱର ପ୍ରଧାନ, ଶୁଭେନ୍ଦୁ ସାହୁ, ଶରତ ପ୍ରଧାନ, ସୁପ୍ରିୟା ସାମନ୍ତରାୟ, ସୁନାଲିକା ବାରିକ ଓ ପୂଜା ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା।

## ସାହାଣୀ କପ୍ ଫୁଟ୍‌ବଲ ପାଇଁ ପୁରୀ ଦଳ ଚୟନ


ରାଜ୍ୟସ୍ତରୀୟ ଫୁଟବଲ ମ୍ୟାଚରେ ଭାଗ ନେଇଥିବା ଖେଳାଳିମାନଙ୍କ ସହ ଅତିଥି ଓ ଅନ୍ୟମାନେ।

**ପୁରୀ ଅଫିସ, ୨।୨**

ସୁନ୍ଦରଗଡ଼ରେ ହେବାକୁ ଥିବା ସାହାଣୀ କପ୍ ଫୁଟବଲ ଟୁର୍ନାମେଣ୍ଟ ପାଇଁ ୧୮ ଜଣିଆ ପୁରୀ ଦଳ ଚୟନ ହୋଇଛି। ଏଥିପାଇଁ ଡେଲାଙ୍ଗ, କଣାସ, ବଳଙ୍ଗା, ନିମାପଡ଼ା, ଜଙ୍ଗଲି କ୍ଲବ, ଶ୍ରୀ ନୀଳଚକ୍ର କ୍ଲବ ଓ କ୍ରୀଡ଼ା ଛାତ୍ରାବାସରୁ ୩୫ ଖେଳାଳି ଯୋଗ ଦେଇଥିଲେ। ଚୟନ ପ୍ରକ୍ରିୟାକୁ କୋଚ୍ ଓ ଅଫିସିଆଲ ଭାବେ ବିରଞ୍ଚି ନାରାୟଣ ମହାରଣା, ରମେଶ ନାୟକ ଓ ସୁରେନ୍ଦ୍ର ପଲାଇ ପରିଚାଳନା କରିଥିଲେ। ପାର୍ଥସାରଥି ମହାପାତ୍ର, ସନ୍ତୋଷ କୁମାର ଛୁଆଳସିଂ, ଜଗଲୁର ମହମ୍ମଦ, ପ୍ରକାଶ ଚନ୍ଦ୍ର ବେହେରା ଓ ଶରତ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ଚୟନ ହୋଇଥିବା ଖେଳାଳିମାନେ ହେଲେ ଅନିଶ ନାୟକ, ଶିବଶଙ୍କର ମୁର୍ମୁ, ସନ୍ଦୀପ ଦାସ, ଅକ୍ଷୟ ସିଂ, ଗଗନ ସାହୁ, ପ୍ରକାଶ ନାୟକ, ସୁମନ ମାଝି, ଅକ୍ଷୟ ବେହେରା, ରଶ୍ମି ପ୍ରଧାନ, ବିଶ୍ୱଜିତ ବେହେରା, ଜଗନ୍ନାଥ ରେଞ୍ଜୀ, ଦୁର୍ଗା ଗଡେସୋରେ, ବଳଭଦ୍ର ସ୍ୱାଇଁ, ବିଷ୍ଣୁ ଦାସ, ଚିରଞ୍ଜୀବ ସ୍ୱାଇଁ, ମୁନିରାମ ସୋରେନ ଓ ମନୋହର ସିଂ।

## ମନ୍ଦିର ପୀଠର ଉନ୍ନତି ପାଇଁ ସ୍ଥିତି ଅନୁଧ୍ୟାନ

**କଣାସ, ୨।୨(ଡି.ଏନ୍.ଏ.)**

କଣାସ ବ୍ଲକ ଗୋପୀନାଥପୁର ପଞ୍ଚାୟତର ବଡଗୋଠସ୍ଥିତ ଠାକୁର ଅନନ୍ତ ନାରାୟଣ ଦେବଙ୍କ ପୀଠର ଭିତ୍ତିଭୂମିର ଉନ୍ନତି ପାଇଁ ମଙ୍ଗଳବାର ବ୍ଲକ ପ୍ରଶାସନ ସ୍ଥିତି ଅନୁଧ୍ୟାନ କରିଛନ୍ତି। ବିଡିଓ ଲୋଚନ ଦାଶ, ଏବିଡିଓ ମଙ୍ଗଳ ସିଂ ହେମ୍ବ୍ରମ, ସହକାରୀ ଯନ୍ତ୍ରୀ ଚନ୍ଦ୍ରମଣି ଖଟେଇ, କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ସାହୁ ପ୍ରମୁଖ ପୀଠରେ ପହଞ୍ଚି ବଡଗୋଠ ବିକାଶ ପରିଷଦର ସଦସ୍ୟଙ୍କ ସହିତ ଆଲୋଚନା କରିଥିଲେ। ପୀଠରେ ନିର୍ମାଣ ହେବାକୁ ଥିବା କଲ୍ୟାଣ ମଣ୍ଡପ, ଶୌଚାଳୟ ଆଦିର ସ୍ଥାନ ନିରୂପଣ କରାଯାଇଛି। କଲ୍ୟାଣ ମଣ୍ଡପ ପାଇଁ ଅର୍ଥ ଅନୁଦାନ ହୋଇସାରିଥିବାରୁ କାମ ତୁରନ୍ତ କରିବା ପାଇଁ ପରିଷଦ ତରଫରୁ ତତ୍ପରତା ପ୍ରକାଶ ପାଇଥିଲା। ଆସନ୍ତା ସପ୍ତାହରେ କାମ ଆରମ୍ଭ କରିବା ପାଇଁ ପରିଷଦ ତରଫରୁ ପ୍ରଶାସନକୁ ଜଣାଇ ଦିଆଯାଇଥିଲା। ଏହାସହ ମାଘ ସପ୍ତମୀଦିନ ସଙ୍ଗମ ସ୍ଥଳରେ ବୁଡ଼ ପକାଇବା ସମ୍ପର୍କରେ ମଧ ଆଲୋଚନା ହୋଇଥିଲା। ପ୍ରଶାସନର ନିଷ୍ପତ୍ତି ଅନୁସାରେ ବୁଡ଼ କାର୍ଯ୍ୟ କରାଯିବା ପାଇଁ ସ୍ଥିର ହୋଇଥିଲା। ପରିଷଦର ସଭାପତି ବୈକୁଣ୍ଠ ନାଥ ନରେନ୍ଦ୍ର, ସମ୍ପାଦକ ହେମନ୍ତ ପ୍ରଧାନ, ପ୍ରଭାକର ମଙ୍ଗରାଜ, ସରପଞ୍ଚ ଦୁଷ୍ମନ୍ତ ଜେନା, ବସନ୍ତ ଜେନା, ହରିବନ୍ଧୁ ପଲେଇ, ପଦ୍ମନାଭ ବିଶ୍ୱାଳ ଓ ପ୍ରତାପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## 'ଆର୍ଦ୍ରଭୂମିର ସୁରକ୍ଷାରେ ବିଶ୍ୱତାପନ ନିୟନ୍ତ୍ରଣ ସମ୍ଭବ'

**ଡେଲାଙ୍ଗ, ୨।୨(ଡି.ଏନ୍.ଏ.)**

ଡେଲାଙ୍ଗସ୍ଥିତ ଗଡ଼ବେଗୁନିଆପଡ଼ା ବିଦ୍ୟାଳୟ ପରିସରରେ ପରିବେଶବିତ୍ ବିଶ୍ୱଜିତ ପରିଡ଼ାଙ୍କ ଦ୍ୱାରା ବିଶ୍ୱ ଆର୍ଦ୍ରଭୂମି ଦିବସ ପାଳିତ ହୋଇଯାଇଛି। ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମେଶଚନ୍ଦ୍ର ମହାନ୍ତି ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଖବରଦାତା ପ୍ରସନ୍ନ ତ୍ରିପାଠୀ, ମୁଖ୍ୟବକ୍ତା ବନାଞ୍ଚଳ ଅଧିକାରୀ ନିରଞ୍ଜନ ମହାପାତ୍ର, ଶିକ୍ଷକ ଅଭିମନ୍ୟୁ ସିଂହ, ରମାକାନ୍ତ ବେହେରା, ଦିନେଶ ବେହେରା, ଶରତଚନ୍ଦ୍ର ସିଂହ, ସିଆଇସିସି ଦୟାନିଧି ମାର୍ଥା, ବସନ୍ତ ସେଠୀ, ସାମାଜିକ କର୍ମୀ ଶାନ୍ତନୁ ରାୟ, ପରିଚାଳନା କମିଟି ସଭାପତି ରବିନାରାୟଣ ଜେନା ପ୍ରମୁଖ ଯୋଗଦେଇ ବିଶ୍ୱତାପନ ନିୟନ୍ତ୍ରଣ ପାଇଁ ଆର୍ଦ୍ରଭୂମିର ସୁରକ୍ଷା କରିବା ନିହାତି ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଆର୍ଦ୍ରଭୂମିର(ସନ୍ତସନ୍ତିଆ ସ୍ଥାନ) ସୁରକ୍ଷା ହେଲେ ବୃକ୍ଷର ସୁରକ୍ଷା ହୋଇପାରିବ। ବୃକ୍ଷର ସୁରକ୍ଷା ହେଲେ ଗ୍ଲୋବାଲ ୱାର୍ମିଂରୁ ରକ୍ଷା ମିଳିପାରିବ ବୋଲି ଅତିଥିମାନେ କହିଥିଲେ। ଏହି ପରିପ୍ରେକ୍ଷୀରେ ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆର୍ଦ୍ରଭୂମି ଉପରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ପରେ ଛାତ୍ରୀଛାତ୍ର, ଶିକ୍ଷକମାନେ ହାତରେ ପ୍ଲାକାର୍ଡଧରି ସଚେତନତା ସୃଷ୍ଟି କରିବା ପାଇଁ ଶପଥ ପାଠ କରିଥିଲେ। ଗାୟତ୍ରୀ ରଣା, ସୁନୀତା ପ୍ରଧାନ, ଉଲ୍ଲାସ କୋଦମାସିଂ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବରକେରାରେ ଆର୍ଦ୍ରଭୂମି ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରଦୀପ ସେଠୀଙ୍କ ସଭାପତିତ୍ୱରେ ଶିକ୍ଷକ ସୁଧୀର ଜେନା, ପର୍ଶୁରାମ ସାହୁ, ବିରଞ୍ଚିନାରାୟଣ ବରାଳ ପ୍ରମୁଖ ଉପସ୍ଥିତ ଥିଲେ।


ଉତ୍ସବରେ ଯୋଗଦେଇଥିବା ଛାତ୍ରୀଛାତ୍ର ଓ ଅତିଥିମାନେ।

## ଶ୍ରୀମନ୍ଦିର ଦର୍ଶନ ବ୍ୟବସ୍ଥା କଡ଼ାକଡ଼ି ଉପରେ ଗୁରୁତ୍ୱ

**ପୁରୀ ଅଫିସ, ୨।୨**

ଶ୍ରୀମନ୍ଦିର ବାହାରେ କୋଭିଡ୍ ଗାଇଡଲାଇନକୁ କଡ଼ାକଡ଼ି ଭାବେ ପାଳନ କରାଯାଉଥିବା ବେଳେ ଶ୍ରୀମନ୍ଦିର ଭିତରେ ମଧ କୋଭିଡ୍ କଟକଣା ଆଧାରରେ ଦର୍ଶନ ହେଉଛି। ତେବେ ଶ୍ରୀମନ୍ଦିର ଦର୍ଶନ ବ୍ୟବସ୍ଥାକୁ କଡ଼ାକଡ଼ି ଭାବେ ପାଳନ କରାଯାଉଛି କି ନାହିଁ ସେ ନେଇ ଏକ ବୈଠକ ମଙ୍ଗଳବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଓ ନୀତି ପ୍ରଶାସକଙ୍କ ସମେତ ପ୍ରତିହାରୀ ନିଯୋଗର ସେବାୟତମାନେ ଯୋଗଦେଇଥିଲେ। କୋଭିଡ୍ ଗାଇଡଲାଇନ ମାନି ଦର୍ଶନ ବ୍ୟବସ୍ଥାରେ ଆହୁରି କିଭଳି ସୁଧାର ଅଣାଯାଇପାରିବ ସେନେଇ ଆଲୋଚନା ହୋଇଛି। ଏଥିସହ ଶ୍ରୀମନ୍ଦିର ମଧ୍ୟରେ ନୀତିକାନ୍ତି କିଭଳି ଭାବେ ସୂଚାରୁ ରୂପେ ପରିଚାଳିତ ହେବ ଓ ଭକ୍ତମାନେ ସ୍ୱାଭାବିକ ସମୟରେ ଦର୍ଶନ ପାଇବେ ସେନେଇ ଆଲୋଚନା କରାଯାଇଛି। କିଭଳି ଭକ୍ତଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ବଜାୟ ରହିବ ଏବଂ ଅନାବଶ୍ୟକ ଗହଳିକୁ ନିୟନ୍ତ୍ରଣ କରାଯିବ, ସ୍କ୍ରିନିଂ ସହ ଭକ୍ତମାନେ ମାସ୍କ ପରିଧାନ କରୁଛନ୍ତି କି ନାହିଁ ସେ ଉପରେ ବିଶେଷ ଧ୍ୟାନ ଦେବା ପାଇଁ ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ଗୁରୁତ୍ୱାରୋପ କରିଛନ୍ତି। ବିନା କୋଭିଡ୍ ନେଗେଟିଭ ରିପୋର୍ଟରେ ଦର୍ଶନ ଆରମ୍ଭ ହେବା ପରେ ଶ୍ରୀମନ୍ଦିରକୁ ଦର୍ଶନାର୍ଥୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏଭଳି ସ୍ଥିତିରେ କରୋନା କଟକଣା ଆଧାରରେ ଦର୍ଶନ କରାଇବା ଜିଲା ପ୍ରଶାସନ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି।


ବୈଠକରେ ଯୋଗଦେଇଥିବା ଅଧିକାରୀ ଓ ସେବାୟତ।

## ସଂକ୍ଷେପରେ

### ସ୍ଥିତିବାନ ଜମିରେ ରାସ୍ତା ନିର୍ମାଣକୁ ବିରୋଧ

**ଜଟଣୀ,୨।୨(ଡି.ଏନ୍.ଏ.):** ଜଟଣୀ ସହରର ସୌନ୍ଦର୍ଯ୍ୟକରଣ ଓ ସ୍ୱଚ୍ଛତା ପାଇଁ ପୌରପରିଷଦ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଇଛି। ମଙ୍ଗଳବାର କୁଦିଆରୀ ବଜାରସ୍ଥିତ ଏକ ସ୍ଥିତିବାନ ଜମିରେ ରାସ୍ତା ନିର୍ମାଣ ହେଉଥିବା ଦେଖିବାକୁ ମିଳିଥିଲା। ଉକ୍ତ ଜମିର ମାଲିକଙ୍କ ନାତି ଉକ୍ତ କାର୍ଯ୍ୟକୁ ବିରୋଧ କରିବା ସହ ବନ୍ଦ କରିବା ପାଇଁ କହିଥିଲେ। ପ୍ରକାଶ ଯେ, ଜଟଣୀ ନିବାସୀ ବଙ୍କିମଚନ୍ଦ୍ର ମିଶ୍ର, ପିତା ସ୍ୱର୍ଗତ ସୋମନାଥ ମିଶ୍ରଙ୍କ ନାମରେ ୨ଟି ପ୍ଲଟ୍ ୨୬୦ ଡିସିମିଲ ରେକର୍ଡ ରହିଛି, ଯାହାର ଖାତା ନଂ.୯୫୪, ପ୍ଲଟ୍ ନଂ.୨୦୮୬ ଏବଂ ୨୦୮୭। ତନ୍ମଧ୍ୟରୁ ପ୍ଲଟ୍ ନଂ.୨୦୮୬ରୁ ୧୮୫ ଡିସିମିଲ ଜଳାଶୟକୁ ଅବରୋଧ କରି ପୌର ପ୍ରଶାସନ ରାସ୍ତା ନିର୍ମାଣ କରୁଥିବା ବେଳେ ଉକ୍ତ ଜମିର ମାଲିକ ସ୍ୱର୍ଗତ ସୋମନାଥ ମିଶ୍ରଙ୍କ ନାତି ତପନ କୁମାର ମିଶ୍ର ବିରୋଧ କରିବା ସହ କାର୍ଯ୍ୟ ବନ୍ଦ କରିବା ପାଇଁ କହିଥିଲେ। ଏନେଇ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତିଙ୍କୁ ଅବଗତ କରାଇବା ସହ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଏନେଇ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ମହାନ୍ତି କହିଛନ୍ତି, ସହରର ସୌନ୍ଦର୍ଯ୍ୟକରଣ ପାଇଁ ନିର୍ମାଣ କାର୍ଯ୍ୟ କରାଯାଉଛି। ତେବେ ଜମି ମାଲିକ ଅଭିଯୋଗ କଲେ କାମ ବନ୍ଦ କରାଯିବ। ଏନେଇ ସମ୍ପୃକ୍ତ ମାଲିକଙ୍କ ସହିତ କଥା ହୋଇଛି ବୋଲି କହିଛନ୍ତି।

### ୮ ହଜାର ଲିଟର ମଦ, ପୋଚ ଜବତ

**ବାଲୁଗାଁ,୨।୨(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଏବଂ ପୋଲିସ ପ୍ରଶାସନ ମଙ୍ଗଳବାର କୋଷରଡ଼ା ଓ ଆଖପାଖ ଜଙ୍ଗଲରେ ଚଢ଼ାଉ କରି ୧୬ଟି ବେଆଇନ ଦେଶୀମଦ ଭାଟିରୁ ୮ ହଜାର ଲିଟର ଦେଶୀମଦ, ପୋଚ ଜବତ କରି ନଷ୍ଟ କରିଛନ୍ତି। କୌଣସି ସୂତ୍ରରୁ ଖବରପାଇ ପୂର୍ବରୁ ମଦ ପ୍ରସ୍ତୁତକାରୀ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ଜିଲା ଅବକାରୀ ଉପ-ଅଧୀକ୍ଷିକା ସୁମିତ୍ରା ଓରାମ, ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ, ବାଣପୁର ଥାନା ଆଇଆଇସି ସଞ୍ଜୟ କୁମାର ପଟ୍ଟନାୟକ ପ୍ରମୁଖ ଏହି ଚଢ଼ାଉରେ ସାମିଲ ହୋଇଥିଲେ।

### ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି



**ବୋଲଗଡ଼,୨।୨(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ ବାଙ୍କୋଇସ୍ଥିତ ଶ୍ରୀ ତାରେଶ୍ୱର ଦେବଙ୍କ ପୀଠରେ ଅନୁଷ୍ଠିତ ବିଶ୍ୱଶାନ୍ତି ମହାଯଜ୍ଞର ମଙ୍ଗଳବାର ପୂର୍ଣ୍ଣାହୁତି ହୋଇଛି। ସ୍ଥାନୀୟ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଏହି ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିବା ବେଳେ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ ଯୋଗଦେଇ ପୂର୍ଣ୍ଣାହୁତି ଦେଇଥିଲେ। ଏହି ଯଜ୍ଞକୁ ରମେଶ କର, ଭବାନୀ ମିଶ୍ର, କେଦାର ପଟ୍ଟଯୋଶୀ, ପ୍ରସନ୍ନ ରଥ ପ୍ରମୁଖ ପରିଚାଳନା କରିଥିଲେ। ପୂର୍ବତନ ସରପଞ୍ଚ ମାଧବ ବିଶ୍ୱାଳ, ସୀମାଞ୍ଚଳ ଖଣ୍ଡାଇ, ଜୟକୃଷ୍ଣ ପ୍ରହରାଜ ପ୍ରମୁଖ ଉପସ୍ଥିତ ଥିଲେ।

### ଯୁବତୀଙ୍କୁ ଅସଦାଚରଣ

**ଭୁବନେଶ୍ୱର,୨।୨(ବ୍ୟୁରୋ):** ଯୁବତୀଙ୍କୁ ଅସଦାଚରଣ ଅଭିଯୋଗରେ ଶହୀଦନଗର ପୋଲିସ ମଙ୍ଗଳବାର ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ସାଇନ୍ସପାର୍କ ବସ୍ତିର ଲିଙ୍ଗରାଜ ନାୟକ ଏବଂ ବୁଲୁ ଓରଫ୍ ବିକାଶ ମଲ୍ଲିକ। ଅଭିଯୁକ୍ତଦ୍ୱୟଙ୍କ ଜାମିନ୍ ନାମଞ୍ଜୁର ହେବାରୁ ଜେଲ୍‌କୁ ପଠାଇ ଦିଆଯାଇଛି।

### ଧର୍ମପରାୟଣା ମହିଳାଙ୍କ ପରଲୋକ

**ଜଟଣୀ,୨।୨(ଡି.ଏନ୍.ଏ.):** ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ରାଜାବଜାର (ଗଜପତିନଗର) ଅଞ୍ଚଳର ଧର୍ମପରାୟଣା ମହିଳା ଆମ୍ମାଜୀ ପ୍ରଧାନ(୭୭)ଙ୍କ ପରଲୋକ ଘଟିଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସେ ଜଣେ ପରୋପକାରୀ, ସ୍ନେହୀ, ମେଳାପୀ ଥିଲେ। ଏହି ଖବର ପ୍ରଚାରିତ ହେବା ପରେ ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ନଗରପାଳ ସଂଗ୍ରାମ କେଶରୀ ରାଉତରାୟ, ବରିଷ୍ଠ ସାମ୍ବାଦିକ ଅର୍ଦ୍ଧେନ୍ଦୁ ଦାସ, ଦେବେନ୍ଦ୍ର ସେଠୀଙ୍କ ସମେତ ବହୁ ବୁଦ୍ଧିଜୀବୀ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ପୁଅ ସଞ୍ଜୀବ ପ୍ରଧାନ ମୁଖାଗ୍ନି ଦେଇଥିଲେ।

# ମଣ୍ଡିରେ ପଡ଼ିଛି ଧାନ, ପ୍ରଶାସନ ନୀରବ

**ଖୋର୍ଦ୍ଧା ଅଫିସ,୨।୨**




■ ଧାନ ବିକ୍ରି ନେଇ ଚାଷୀଙ୍କ ଅସନ୍ତୋଷ

■ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅନଶନ

ଧାନମଣ୍ଡିରେ ସ୍ୱଚ୍ଛତା ଏବଂ ଚାଷୀଙ୍କ ସୁଲଭ ଧାନ ବିକ୍ରି ବ୍ୟବସ୍ଥା ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରିଛନ୍ତି। ଖୋର୍ଦ୍ଧା ଜିଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଧାନକିଣାରେ ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଧାର୍ଯ୍ୟ ଦିନରେ ଧାନ କିଣା ଯାଉ ନ ଥିବା ବେଳେ ଛୁଟି ଦିନରେ କିଣାଯାଉଛି। ଏହା ପୁଣି ମିଲର୍ସଙ୍କ ଉପରେ ନିର୍ଭର କରେ। ଚାଷୀଙ୍କ ନିକଟରେ ଧାନ ଗଚ୍ଛିତ ରହିଛି। ମଣ୍ଡିରେ ଧାନ ଧରି ଚାଷୀ ବସିଛି, କିନ୍ତୁ ଧାନ କିଣାଯାଉ ନାହିଁ। ଏନେଇ ବିଭିନ୍ନ କୃଷକ ଏବଂ ଚାଷୀ ସଙ୍ଗଠନ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଦୈନିକ ଚାଷୀ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରୁଛନ୍ତି। ପ୍ରତିଶ୍ରୁତି ମିଳୁଛି, ହେଲେ କାର୍ଯ୍ୟକାରୀ କରାଯାଉ ନାହିଁ ବୋଲି ଅଭିଯୋଗ ହେଉଛି।

ଚିଲିକା ଏବଂ ବାଣପୁର ବ୍ଲକରେ ଧାନକିଣାରେ ବ୍ୟାପକ ଅନିୟମିତତା ନେଇ ଦେଓଗାଁ କୃଷକ ସଙ୍ଗଠନ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନ ନିଆଯିବା ପ୍ରତିବାଦରେ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଦୀର୍ଘ ସମୟ ଧରି ଚାଷୀମାନେ ଧାରଣା ଦେଇଥିଲେ। ଜିଲାପାଳ ସନତ୍ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। ଧାନ କିଣାଯିବା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯିବ ବୋଲି ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। କୃଷକ ସଙ୍ଗଠନର ଏହି ଦାବିକୁ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ପିସିସି ସଭ୍ୟ ଆଇନଜୀବୀ ଶିଶିର ପରିଡ଼ା ସମର୍ଥନ ଜଣାଇ ଅନଶନରେ ସାମିଲ ହୋଇଥିଲେ। ସଙ୍ଗଠନର ଆବାହକ ପ୍ରଦୀପ ସ୍ୱାଇଁଙ୍କ ନେତୃତ୍ୱରେ ସଞ୍ଜୟ ପ୍ରଧାନ, ବାଞ୍ଛାନିଧି ପ୍ରଧାନ, ଲକ୍ଷ୍ମୀଧର ସ୍ୱାଇଁଙ୍କ ସମେତ ଶତାଧିକ ଚାଷୀ ଯୋଗଦେଇଥିଲେ। ପ୍ରକାଶ ଯେ, ବାଣପୁର ବ୍ଲକ ଦେଓଗାଁ ସେବା ସମବାୟ ସମିତି ଅନ୍ତର୍ଗତ ଦେଓଗାଁ ଓ ଆୟତପୁର ପଞ୍ଚାୟତର ୫ଶହରୁ ଉର୍ଦ୍ଧ୍ୱ ଚାଷୀ ଧାନ ବିକ୍ରିଲାଗି ପଞ୍ଜୀକରଣ କରିଛନ୍ତି। ଟୋକନ ପାଇଥିବା ଚାଷୀ ମଣ୍ଡିରେ ଧାନ ଧରି ବସିଥିଲେ ମଧ୍ୟ କିଣାଯାଉ ନାହିଁ। ଏନେଇ ଗତ ୨୨ତାରିଖରେ ଚାଷୀମାନେ ଜିଲାପାଳଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ବିଭାଗ ପକ୍ଷରୁ ଧାନ କ୍ରୟ ବ୍ୟବସ୍ଥା କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଦେଓଗାଁ କୃଷକ ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

### ଲାଞ୍ଚ ନ ଦେଲେ ଉଠୁନି ଧାନ

ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଚିଲିକା ଓ ବାଣପୁର ବ୍ଲକରେ ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ନେଇ ଅଭିଯୋଗ ଉଠିଛି। ଧାର୍ଯ୍ୟ ଦିନରେ ମଣ୍ଡିରେ ଧାନ କିଣାଯାଉ ନାହିଁ। ଟୋକନ ପାଇଥିଲେ ମଧ୍ୟ ଧାନ କିଣାଯିବା ବ୍ୟବସ୍ଥା କରାଯାଉ ନାହିଁ। ଏପରିକି ଲାଞ୍ଚ ନ ଦେଲେ ମଣ୍ଡିରୁ ଧାନ ଉଠୁ ନ ଥିବା ଅଭିଯୋଗ ହେଉଛି। ପ୍ରକାଶ ଯେ, ଚିଲିକା ବ୍ଲକରେ ଏକାଧିକ ସେବା ସମବାୟ ସମିତି ମଣ୍ଡିରେ ଚାଷୀମାନେ ଧାନ ଧରି ବସି ରହିଛନ୍ତି। ଆଙ୍ଗୁଲା ମଣ୍ଡିରେ ଶୁକ୍ରବାର ଅଳ୍ପ ପରିମାଣ ଧାନ ଉଠିଥିଲା। ସୋମବାର ୪୫ଜଣ ଚାଷୀ ଟୋକନ ପାଇଥିଲେ ମଧ୍ୟ ୧୯ଜଣଙ୍କଠାରୁ ଧାନ କିଣାଯାଇଛି। ଏହାକୁ ନେଇ ମଣ୍ଡିରେ ଚାଷୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ କେତେଜଣ ଚାଷୀ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି।

# ବାଲୁଗାଁରେ ସ୍ୱଚ୍ଛତା ଅଭିଯାନ ବାଟବଣା

**ବାଲୁଗାଁ,୨।୨(ଡି.ଏନ୍.ଏ.)**

ରାଜ୍ୟ ସରକାର ସ୍ୱଚ୍ଛତା ତଥା ପରିବେଶ ପରିଚ୍ଛନ୍ନତା ଦିଗରେ ଗୁରୁତ୍ୱ ଦେଉଛନ୍ତି। ବାଲୁଗାଁ ଏନ୍‌ଏସିରେ ସ୍ୱଚ୍ଛତା ଅଭିଯାନ ବାଟବଣା ହୋଇପଡ଼ିଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ମୁତାବକ, ଏନ୍‌ଏସିର ୨, ୩ ଓ ୪ ନମ୍ବର ୱାର୍ଡରେ ଥିବା ବିଦ୍ୟାଳୟ ସମ୍ମୁଖ, ପୋଖରୀ ଏବଂ ଜନବସତି ଅଞ୍ଚଳର ରାସ୍ତା ପାର୍ଶ୍ୱରେ କୁଢ଼କୁଢ଼ ଆବର୍ଜନା ପଡ଼ିରହିଥିବା ବେଳେ ସଫା କରାଯାଉନାହିଁ । ସଫେଇ ପାଇଁ ଏନ୍‌ଏସି ପକ୍ଷରୁ ଏକ ଘରୋଇ କମ୍ପାନୀକୁ ଟେଣ୍ଡର ଦିଆଯାଇଛି । କିନ୍ତୁ ସମ୍ପୃକ୍ତ ଠିକାଦାରଙ୍କ ଅବହେଳା ଯୋଗୁ ଏପରି ପରିସ୍ଥିତି ଉପୁଜୁଥିବା ଦେଖାଯାଇଛି। ମୁଖ୍ୟତଃ ୨ନଂ. ୱାର୍ଡର ସାମନ୍ତରାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାର୍ଶ୍ୱରେ ମଧୁସୂଦନ ଦାସଙ୍କ ଫଟୋଚିତ୍ର ସମ୍ମୁଖରେ ଆବର୍ଜନା ପଡ଼ିରହିଥିବା ବେଳେ ଏନ୍‌ଏସି କର୍ମଚାରୀଙ୍କ ଦୃଷ୍ଟି ନ ପଡ଼ିବା ତଥା ମହାପୁରୁଷଙ୍କ ପ୍ରତି ଅବମାନନା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଏନ୍‌ଏସି ପରିମଳ ପର୍ଯ୍ୟବେକ୍ଷକ ଅନୁ ପଟ୍ଟନାୟକ କହିଛନ୍ତି, ଟ୍ରାକ୍ଟରର ଯାନ୍ତ୍ରିକ ତ୍ରୁଟି ଯୋଗୁ ଏଭଳି ପରିସ୍ଥିତି ଉପୁଜିଛି। ବୁଧବାର ସଫେଇ ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।



ସାମନ୍ତରାପୁର ବିଦ୍ୟାଳୟ ପାର୍ଶ୍ୱରେ ଗଦାହୋଇଥିବା ଅଳିଆ।

# ୧,୨୮,୧୫୭ ଶିଶୁ ଖାଇଲେ ପୋଲିଓ ବୁନ୍ଦା

**ଖୋର୍ଦ୍ଧା ଅଫିସ,୨।୨**

ଖୋର୍ଦ୍ଧା ଜିଲାରେ ଚାଲିଛି ପଲ୍‌ସ ପୋଲିସ ଅଭିଯାନ। ମଙ୍ଗଳବାର ତୃତୀୟ ଦିନରେ ୪,୪୪୨ଜଣ ଶିଶୁ ପୋଲିଓ ବୁନ୍ଦା ଖାଇଛନ୍ତି। ପ୍ରଥମ ଦିନରେ ୧,୧୮,୦୭୪, ଦ୍ୱିତୀୟ ଦିନରେ ୫,୬୪୧ଜଣ ଶିଶୁ ପୋଲିସ ବୁନ୍ଦା ଖାଇଥିଲେ। ତୃତୀୟ ଦିନ ସୁଦ୍ଧା ୧,୨୮,୧୫୭ ଜଣ ଶିଶୁଙ୍କୁ ପୋଲିସ ବୁନ୍ଦା ଦିଆଯାଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ପ୍ରକାଶ ଯେ, ଜାନୁୟାରୀ ୩୧ରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ମଙ୍ଗଳବାର ଶେଷ ହୋଇଛି। ଏଥିଲାଗି ୫୯୧ ବୁଥ, ୪୦ଟି ଟ୍ରାଞ୍ଜିଟ୍ ପଏଣ୍ଟ ଏବଂ ୨୨ଟି ମୋବାଇଲ ୟୁନିଟ୍ କରାଯାଇଥିଲା। ଡିଏଚ୍‌ଏଚ୍ ସମେତ ସମସ୍ତ ସିଏଚ୍‌ସି, ପିଏଚ୍‌ସି, ଅଙ୍ଗନୱାଡ଼ି ଓ ଟିକାଦାନ କେନ୍ଦ୍ରରେ ୫ବର୍ଷରୁ କମ୍ ପିଲାଙ୍କୁ ଏହି ଟିକା ଦିଆଯାଇଛି। ଏଥିସହ ବସ୍‌ଷ୍ଟାଣ୍ଡ, ରେଲୱେ ଷ୍ଟେଶନ, ବସ୍ତି ଅଞ୍ଚଳରେ ପିଲାଙ୍କୁ ପୋଲିଓ ବୁନ୍ଦା ଦିଆଯାଇଛି। କୋଭିଡ୍ ଗାଇଡ୍‌ଲାଇନ ଅନୁସାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କୌଣସି ଶିଶୁ ଯେପରି ପୋଲିଓ ବୁନ୍ଦା ଖାଇବାରୁ ବଞ୍ଚିତ ନ ହୁଅନ୍ତି, ସେଥିପ୍ରତି ଜିଲାପାଳ ସନତ ମହାନ୍ତି ଗୁରୁତ୍ୱାରୋପ କରିଥିଲେ।

# ଦେଓଗାଁରେ ଖାଉଟି ସାମଗ୍ରୀ ଲୁଟ୍ ଅଭିଯୋଗ

**ଖୋର୍ଦ୍ଧା ଅଫିସ,୨।୨**

**ହିତାଧିକାରୀଙ୍କୁ ମିଳୁନି, ଟିପଚିହ୍ନରେ ପାଇଥିବା ଦର୍ଶାଉଛନ୍ତି**

ଖାଦ୍ୟ ସୁରକ୍ଷା ଯୋଜନାରେ ଲୋକଙ୍କୁ ଉତ୍ତମ ଏବଂ ଗୁଣବତ୍ତାଯୁକ୍ତ ଖାଦ୍ୟ ଏବଂ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦେବା ଲାଗି ସରକାର ବିଭିନ୍ନ ଯୋଜନା କରିଛନ୍ତି। ଖୋର୍ଦ୍ଧା ଜିଲା ବାଣପୁର ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳଛି। ଏହି ବ୍ଲକର ବିଭିନ୍ନ ପଞ୍ଚାୟତରେ ଲୋକଙ୍କୁ ଖାଉଟି ସାମଗ୍ରୀ ପ୍ରଦାନରେ ଅନିୟମିତତା ହେଉଥିବା ଜଣାପଡ଼ିଛି। ପଞ୍ଚାୟତରେ କାର୍ଯ୍ୟରତ କର୍ମଚାରୀ ଗରିବ ଲୋକଙ୍କ ପାଇଁ ଆସୁଥିବା ଚାଉଳ, ଗହମ, କିରୋସିନକୁ ନକଲି ଦସ୍ତଖତ ଏବଂ ଟିପଚିହ୍ନ ଦେଇ ହରିଲୁଟ୍ କରୁଛନ୍ତି। ମଙ୍ଗଳବାର ଦେଓଗାଁ ପଞ୍ଚାୟତର ଶତାଧିକ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଏଭଳି ଅଭିଯୋଗ କରିଛନ୍ତି। ପ୍ରତିମାସରେ ପଞ୍ଚାୟତ ପକ୍ଷରୁ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ଗହମ, ଚାଉଳ ଏବଂ କିରୋସିନ ଯୋଗାଇ ଦିଆଯାଇଥାଏ। ଜାନୁୟାରୀ ସରି ଫେବୃୟାରୀ ମାସ ଚାଲିଥିଲେ ମଧ୍ୟ ଏପର୍ଯ୍ୟନ୍ତ କାର୍ଡ ହିତାଧିକାରୀ ଚାଉଳ, ଗହମ ପାଇନାହାନ୍ତି। ପଞ୍ଚାୟତର କେତେଜଣ କର୍ମଚାରୀ ଗ୍ରାମବାସୀଙ୍କ ଟିପଚିହ୍ନ ନେଇ ଖାଉଟି ସାମଗ୍ରୀ ଦିଆଯାଇଥିବା ଦର୍ଶାଇଛନ୍ତି। ଚାଉଳ କାହିଁକି ଦିଆଯାଇ ନାହିଁ, ଚାଉଳ ଆସିନି, ଆସିଲେ ଦିଆଯିବ କହି ଜବରଦସ୍ତ ଟିପଚିହ୍ନ ନେଉଛନ୍ତି। ଗତ ୧୦ମାସ ହେଲା ଗ୍ରାମବାସୀ କିରୋସିନ ପାଇ ନ ଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଖାଉଟି କିରୋସିନ ପାଉ ନ ଥିବା ବେଳେ ବଜାରରେ କିରୋସିନର ବ୍ୟାପକ କଳାବଜାର ଚାଲିଥିବା କହିଛନ୍ତି। ପ୍ରଦୀପ ସ୍ୱାଇଁ, ଶର୍ମିଳା ସେଠୀ, ରୁମା ସାହୁ, ପ୍ରଭାତୀ ସେଠୀ, ସୁକି ସେଠୀ, କୁମାରୀ ସେଠୀ, ମାଳତୀ ସାହୁ ପ୍ରମୁଖ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି।

# ଘର ତାଲା ଭାଙ୍ଗି ଚୋରି

**ଝାଁଳା,୨।୨(ଡି.ଏନ୍.ଏ.)**

ଝାଁଳା ଫାଣ୍ଡି ଅଧୀନ ଉତ୍ତର ମୁଣ୍ଡମୁହାଣ ଗ୍ରାମେଶ୍ୱର ନଗରର ପ୍ରାଣକୃଷ୍ଣ ତ୍ରିପାଠୀଙ୍କ ଘରୁ ଚୋରି ହୋଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି। ସୋମବାର ସନ୍ଧ୍ୟାରେ ପ୍ରାଣକୃଷ୍ଣ ଘର ତାଲା ପକାଇ ଭୁବନେଶ୍ୱର ଯାଇଥିଲେ। ମଙ୍ଗଳବାର ସକାଳେ ତାଙ୍କ ଘର ତାଲା ଭଙ୍ଗା ଯାଇଥିବା ସହ ପାଣି ମଟର, ଘର ଉପକରଣ ଚୋରି ହୋଇଯାଇଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ଫାଣ୍ଡିରେ ଅଭିଯୋଗ କରିଥିଲେ।

# କ୍ରିକେଟ୍: ଛଣଗିରି କ୍ଲବ ବିଜୟୀ

**ନିରାକାରପୁର,୨।୨(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଛଣଗିରି ଏଆଇ ୟଙ୍ଗଷ୍ଟାର କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର ଗୋଳବାଇ କ୍ରିକେଟ କ୍ଲବକୁ ୧୦୦ ରନରେ ହରାଇ ଛଣଗିରି କ୍ରିକେଟ କ୍ଲବ ବିଜୟୀ ହୋଇଛି। ଛଣଗିରି ଟିମ୍ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୬୫ରନ ସଂଗ୍ରହ କରିଥିଲା। ଜବାବରେ ଗୋଳବାଇ ଟିମ୍ ସମସ୍ତ ଉଇକେଟ ବିନିମୟରେ ୬୫ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଛଣଗିରି ଟିମର ଅରିସ ନାୟକ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ସତ୍ୟବ୍ରତ ଦାସ ଓ କାହ୍ନୁ ଚରଣ ନାୟକ ମ୍ୟାଚ ପରିଚାଳନା କରିଥିଲେ। ଅତିଥିଭାବେ ମାନସ ଦାସ ଓ ଶାନ୍ତନୁ ନାୟକ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ଶିକ୍ଷାନୁଷ୍ଠାନ ହିଁ ଶିକ୍ଷାଲୋକ ବିତରଣର ସ୍ତମ୍ଭ

**ନିରାକାରପୁର,୨।୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ଥିବା କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ୬୨ତମ ସ୍ମାରକୀ ଦିବସ ଏବଂ ଅନୁଷ୍ଠାନର ପ୍ରତିଷ୍ଠାତା କ୍ଷେତ୍ରବାସୀ ରାଉତରାୟଙ୍କ ୧୨୬ତମ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଉତ୍ସବରେ ମହାବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ତଥା ଉପଜିଲାପାଳ ଅଶୋକ କୁମାର ବେହୁରିଆ, ପ୍ରତିଷ୍ଠାତାଙ୍କ ଅଣନାତି ଶାନ୍ତନୁ ରାଉତରାୟ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷା ଆଲୋକ ବିତରଣ ସ୍ତମ୍ଭ ହିଁ ଶିକ୍ଷାନୁଷ୍ଠାନ ବୋଲି ଉପଜିଲାପାଳ ବେହୁରିଆ କହିଥିଲେ। ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ସମନ୍ୱୟରେ ଶିକ୍ଷାକୁ ଲୋକାଭିମୁଖୀ କରାଯାଇପାରିବ ବୋଲି ମତପ୍ରକାଶ ପାଇଥିଲା। ଅଧ୍ୟକ୍ଷ ପ୍ରଫେସର ଅଶୋକ ବଳବନ୍ତରାୟଙ୍କ ପୌରୋହିତରେ ଆୟୋଜିତ ଏହି ଉତ୍ସବରେ ଅଧ୍ୟାପକ ଚନ୍ଦନ ମିଶ୍ରଙ୍କ କବିତା ପାଠରୁ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଇତିହାସ ବିଭାଗ ମୁଖ୍ୟ ପ୍ରତିଭାମୟୀ ମିତ୍ର କ୍ଷେତ୍ରବାସୀ ରାଉତରାୟଙ୍କ ତ୍ୟାଗ ଓ ବଳିଦାନ ଆଧାରିତ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅଧ୍ୟାପକ ଡ.ମୃତ୍ୟୁଞ୍ଜୟ ରଥ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ମହାବିଦ୍ୟାଳୟର କ୍ୟାଲେଣ୍ଡର ଉନ୍ମୋଚିତ ହୋଇଥିଲା। ବାଣିଜ୍ୟ ବିଭାଗ ମୁଖ୍ୟ ଚନ୍ଦନ କୁମାର ମିଶ୍ର, ଇତିହାସ ଅଧ୍ୟାପକ ବିକାଶ କୁମାର ଦାଶ ଓ ରାଜନୀତି ବିଜ୍ଞାନ ଅଧ୍ୟାପକ ଡ. ପ୍ରଭାତ କୁମାର ଦାସଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ପରେ ମହାବିଦ୍ୟାଳୟରୁ ଅବସର ନେଇଥିବା ପ୍ରାଧ୍ୟାପକ ଡ. ଅଜିତ୍ ରଥ, ଡ. ଅଜୟ ପଟ୍ଟନାୟକ ଓ କାର୍ଯ୍ୟାଳୟ ସହାୟିକା କୁନୀ ଭାରତୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି ଆବାହକ ଡ. ପ୍ରଫୁଲ୍ଲ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିବା ବେଳେ ପ୍ରାଧ୍ୟାପକ ଡ. ଜୟନ୍ତ ବାନାର୍ଜୀ, ଅଧ୍ୟାପକ ସୌରଭ ମହାପାତ୍ର, ପୁଣ୍ୟଦର୍ଶନ ସାହୁ, ଅଶୋକ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ମନମୋହନ



@ ସତ୍ୟନାରାୟଣ



@ ନିହାର



@ ଉମାକାନ୍ତ



@ ପ୍ରଦୀପ



@ ଜ୍ୟୋତିରଞ୍ଜନ



@ ଶ୍ରୀକାନ୍ତ



@ ଅତୁଲ